ଧରିତ୍ରୀ
DHARITRI
September 15-21, 2024 ₹ 2/-
ଧରିତ୍ରୀ 50 Years

# ଛୁଟିଦିନ



# ସାଧବ ବୋହୂ

ପହିଲି ବର୍ଷାର ଛିଟା ଯେବେ ଓଦା କରେ ଧରାବକ୍ଷକୁ, ସେତେବେଳେ ଆଖି ଖୋଜିବୁଲେ ସେଇ କ୍ଷୁଦ୍ର ସୁନ୍ଦର ପୋକକୁ, ଯାହା ଜନମାନସରେ 'ସାଧବବୋହୂ' ଭାବେ ବେଶ୍ ପରିଚିତ। ହେଲେ ଆଜିର ପରିବର୍ତ୍ତିତ ଜଳବାୟୁ ଓ ଦୂଷିତ ପରିବେଶ ଲାଗି ଯେତେ ଖୋଜିଲେ ବି ଆଉ ମିଳୁନାହାନ୍ତି ସୃଷ୍ଟିର ଏହି ସୁନ୍ଦର ବିସ୍ମୟଟି...

ପ୍ରଚ୍ଛଦ ପ୍ରସଙ୍ଗ ୩

# ମୁଖ ଦୁର୍ଗନ୍ଧ ଦୂର ପାଇଁ

**ଅନେକଙ୍କଠାରେ ମୁଖରୁ ଦୁର୍ଗନ୍ଧ ବାହାରିବା ସମସ୍ୟା ଦେଖାଯାଇଥାଏ। ବେଳେବେଳେ ଏହି ସମସ୍ୟା ସେମାନଙ୍କୁ ଅନେକ ଅସୁବିଧାରେ ପକାଇଥାଏ। କାହା ସହ କଥା ହେଲାବେଳେ ସେମାନଙ୍କୁ ବେଶ୍ ସାବଧାନତାର ସହ ଟିକେ ଦୂରେଇକି କଥା ହେବାକୁ ହୋଇଥାଏ; ଯେମିତିକି ସମ୍ମୁଖରେ ଥିବା ଲୋକ କିଛି ବି ଅସହଜ ଅନୁଭବ ନ କରନ୍ତୁ। ତେବେ ଏଥିରୁ କେମିତି ମୁକ୍ତି ପାଇହେବ ଜାଣନ୍ତୁ ସେ ସମ୍ପର୍କରେ...**



✼ ମୁଖରୁ ଦୁର୍ଗନ୍ଧ ବାହାରୁଥିଲେ, ପାନମଧୁରୀ ହେଉ କିମ୍ବା ଗୁଜୁରାତି ଖାଇଲେ ଏହି ସମସ୍ୟାରୁ କେତେକାଂଶରେ ମୁକ୍ତି ମିଳିଥାଏ। ପାଚନକ୍ରିୟାରେ ବି ଏହା ଅନେକ ସହାୟକ ହୋଇଥାଏ।

✼ ପୁଦିନା ପତ୍ର ବି ଚୋବାଇଲେ ମୁଖ ଦୁର୍ଗନ୍ଧ ଦୂର ହୋଇଥାଏ। ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ମୁଖରେ ଦୁର୍ଗନ୍ଧ ସୃଷ୍ଟି କରୁଥିବା ବ୍ୟାକ୍ଟେରିଆକୁ ନଷ୍ଟ କରିବା ସହ ଫ୍ରେଶ୍‌ନେସ୍ ଆଣିଥାଏ।

✼ ଲବଙ୍ଗ ଚୋବାଇଲେ ଏହି ସମସ୍ୟାରୁ ଅନେକାଂଶରେ ଫାଇଦା ମିଳିଥାଏ।

✼ ନିମ୍ବକାଠିରେ ଦାନ୍ତ ଘଷିଲେ ମୁଖ ଦୁର୍ଗନ୍ଧ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି।

✼ ଲେମ୍ବୁପାଣିରେ କୁଲୁକୁଞ୍ଚା କଲେ ବି ମୁଖ ଦୁର୍ଗନ୍ଧ ଦୂର ହୋଇଥାଏ। କାରଣ ଲେମ୍ବୁରେ ଭରି ରହିଥିବା ଆଣ୍ଟିସେପ୍ଟିକ୍ ତଥା ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ମୁଖ ଭିତରେ ଦୁର୍ଗନ୍ଧ ସୃଷ୍ଟି କରାଉଥିବା ବ୍ୟାକ୍ଟେରିଆର ବଂଶବୃଦ୍ଧିକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୧୫-୨୧

**ମେଷ**



କର୍ମଜଞ୍ଜାଳ ବୃଦ୍ଧି, ବିଶ୍ରାମବିହିନ କାର୍ଯ୍ୟ, ଶାରୀରିକ ଅସୁସ୍ଥତା, ଧୈର୍ଯ୍ୟଚ୍ୟୁତି ଘଟିପାରେ, ସାହିତ୍ୟ ସଂସ୍କୃତିରେ ସମ୍ମାନ, ରାଜନୈତିକ ସଫଳତା, ପବ୍ଲିକେଶନରେ ସମସ୍ୟା, ବିବାଦୀୟ ପରିବେଶ, ପରୋକ୍ଷ ଶତ୍ରୁତା, ବାଣିଜ୍ୟରେ କ୍ଷତି, ସଭାସମିତିକୁ ନିମନ୍ତ୍ରଣ ॥

**ବୃଷ**



ବୈଷୟିକ ସୁଖ ସମୃଦ୍ଧି, ପଦସ୍ଥ କର୍ମଚାରୀଙ୍କ କୃପାଦୃଷ୍ଟି, ଆର୍ଥିକ ଉନ୍ନତି, ଗବେଷଣାରେ ଅଗ୍ରଗତି, ରଚନାତ୍ମକ କାମରୁ ପ୍ରଶଂସା, ସାମ୍ବାଦିକତାରୁ ଗୌରବ, ପ୍ରଶାସନିକ ସଫଳତା ॥

**ମିଥୁନ**



ସ୍ୱାସ୍ଥ୍ୟଗତ ବୈଷମ୍ୟ, ପ୍ରଗତିରେ ପ୍ରତିବନ୍ଧକ, ହିତୈଷୀଙ୍କ ପରାମର୍ଶ, ଆତ୍ମୀୟଙ୍କ ଅନିଷ୍ଟ ଚିନ୍ତା, ସାହିତ୍ୟ କୃତିରୁ ସମ୍ବର୍ଦ୍ଧନା, ଚଳଚ୍ଚିତ୍ରରେ ବିବାଦ, ରାଜନୈତିକ ସଭା ସମିତି, ଭ୍ରମଣଜନିତ କ୍ଲାନ୍ତି ॥

**କର୍କଟ**



ମାନସିକ ଚାପ ବୃଦ୍ଧି, କାର୍ଯ୍ୟ ଶୃଙ୍ଖଳିତ ହୋଇପାରେ, ନୂତନ ଉଦ୍ୟୋଗ ଆରମ୍ଭ, ପରିସ୍ଥିତି ନିୟନ୍ତ୍ରିତ ହେବ, ସୁସମ୍ପର୍କ ବ୍ୟାହତ ହୋଇପାରେ, ଆତ୍ମୀୟଙ୍କ ପରଶ୍ରୀକାତରତା, ତୀର୍ଥାଟନର ସୁଯୋଗ ॥

**ସିଂହ**



ସମସ୍ୟା ପ୍ରତିହତ ହେବ, ମାନସିକ ଶାନ୍ତି ଫେରିବ, ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା, ଋଣଗ୍ରସ୍ତ ହୋଇପାରନ୍ତି, ମିଥ୍ୟା ଅଭିଯୋଗ ଆସିପାରେ, ଶେୟାର ବଜାରରେ ଉନ୍ନତି, ନିର୍ମାଣରେ ବିବାଦ, ମକଦ୍ଦମାରେ ବିଜୟ ॥

**କନ୍ୟା**



କର୍ମକ୍ଷେତ୍ରରେ ଅଗ୍ରଗତି, ପଥରୋଧ ହଟିଯିବ, ବ୍ୟୟ ସଂକୋଚ କରିବେ, ଉଚ୍ଚଶିକ୍ଷାରେ ସଫଳତା, ସନ୍ତାନଙ୍କ ଉନ୍ନତି, ଆଇନ ସହାୟତା ମିଳିବ, ସାହିତ୍ୟ ସଙ୍ଗୀତରୁ ପ୍ରଶଂସା, ବିଦେଶଯାତ୍ରାର ସୁଯୋଗ, ପାରବାରିକ ଶାନ୍ତି ॥

**ତୁଳା**




ସ୍ୱାସ୍ଥ୍ୟସମସ୍ୟା ବଦଳିବ, ନୀଚ ଜନ ସହ ବିବାଦ, ଅର୍ଥନୈତିକ ଅଭିବୃଦ୍ଧି, କର୍ମ ସମ୍ପାଦନରୁ ଖୁସି, ଲକ୍ଷ୍ୟପୂରଣ ହୋଇଯିବ, ମନୋରଞ୍ଜନର ସୁଯୋଗ, ସଭାସମିତିକୁ ନିମନ୍ତ୍ରଣ, ଆନୁଷ୍ଠାନିକ କର୍ମାରମ୍ଭ ॥

**ବିଛା**



ଶାରୀରିକ ସୁସ୍ଥତା, ଆତ୍ମୀୟଙ୍କ ଆତ୍ମୀୟତା, କର୍ମଚାରୀଙ୍କ ଅନୁରକ୍ତି, ପରିସ୍ଥିତିର ତାଡନା, ବୈପ୍ଲବିକ ଚିନ୍ତାଧାରା, ବନ୍ଧୁଙ୍କ ଅସହିଷ୍ଣୁ ମନୋଭାବ, ନୂତନ ପ୍ରକଳ୍ପାରମ୍ଭ, କଳ୍ପନା ସାକାର ହେବ, ଫଳପ୍ରଦ ଆଲୋଚନା, ପ୍ଲଟିଙ୍ଗ୍ କାରବାରରେ ଉନ୍ନତି, ପ୍ରତିଯୋଗିତାରେ ସଫଳତା ॥

**ଧନୁ**



କର୍ମହାନିରୁ ମନସ୍ତାପ, ପରୋକ୍ଷଶତ୍ରୁତାରୁ ଦୁଶ୍ଚିନ୍ତା, ସମନ୍ୱୟର ଅଭାବ, ବିରୋଧୀଙ୍କ ପ୍ରାବଲ୍ୟ, ଅନୈତିକ ଚିନ୍ତା ଚେତନା, ମାନସିକ ଅସ୍ଥିରତା, ଲୋକସମ୍ପର୍କ ବୃଦ୍ଧି, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସମ୍ମାନଲାଭ, ସାଂଗଠନିକ ସଭା, ପାରିବାରିକ ଅଶାନ୍ତି ॥

**ମକର**



ସ୍ୱାସ୍ଥ୍ୟରେ ଉନ୍ନତି, ନୂତନ ଯୋଜନାରମ୍ଭ, ସଭାସମିତିକୁ ନିମନ୍ତ୍ରଣ, ଦୂରଯାତ୍ରାର ଯୋଜନା, ସାମାଜିକ ପ୍ରତିଷ୍ଠା, ବିଦେଶସ୍ଥ ସନ୍ତାନଙ୍କ ଚିନ୍ତା, କଚେରି ମାମଲାରେ ବାଇଦା, ପାରିବାରିକ ଦ୍ୱନ୍ଦ୍ୱ, ଋଣ ପରିଶୋଧ ଚିନ୍ତା, ଭିଜିଲାନ୍ସ ଧରପଗଡ଼, ଜମିଜମା କ୍ରୟବିକ୍ରୟ ॥

**କୁମ୍ଭ**



ଅପରିଣାମ ଦର୍ଶିତାର କୁଫଳ, ବିବାଦର ଫଇସଲା, ଆର୍ଥିକ ପ୍ରଗତିରୁ ଖୁସୀ, ନୂତନ ଗୃହକ୍ରୟ, ବ୍ୟବସାୟିକ ଉତ୍କର୍ଷ, ବନ୍ଧୁମାନଙ୍କ ପ୍ରଶଂସା, ସରକାରୀ ସହାୟତା, ଅନୁସନ୍ଧାନରେ ଅଗ୍ରଗତି, ନୂତନ ପ୍ରକାଶନରେ ଆନନ୍ଦ, ମାନସିକ ଚାପଗ୍ରସ୍ତ ହେବେ ॥

**ମୀନ**



ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ, ରାଜନୈତିକ ପୃଷ୍ଠପୋଷକତା, ଗୁରୁଜନଙ୍କ ପରାମର୍ଶ, ସହକର୍ମୀଙ୍କ ସହଯୋଗ, ପରିବାରରେ ଭୁଲ୍ ବୁଝାମଣା, ନୂତନ ବନ୍ଧୁ ସମ୍ପର୍କ, ପ୍ରଲୋଭନରେ ପଡ଼ିପାରନ୍ତି, କୃତିତ୍ୱର ସମ୍ମାନ, ଅଭିଳଷିତ କର୍ମ ସମ୍ପାଦନ, ମାନସିକ ଅଶାନ୍ତି ॥

# ନୂଆ ଝୁଣ୍ଟିଆ କେଉଁଦିନ ପିନ୍ଧିବେ



**ଭା**ରତୀୟ ସଂସ୍କୃତିରେ ବିବାହିତା ମହିଳା ପାଦ ଆଙ୍ଗୁଠିରେ ରୁପାର ଝୁଣ୍ଟିଆ ପିନ୍ଧିବାର ପରମ୍ପରା କାହିଁ କେଉଁକାଳରୁ ଚାଲିଆସିଛି। କାରଣ ରୁପାର ସମ୍ପର୍କ କୁଆଡ଼େ ଚନ୍ଦ୍ର ଉର୍ଜା ସହ ରହିଛି ; ଯାହାର ପ୍ରଭାବରେ ବିବାହିତା ନାରୀଙ୍କ ଭିତରେ ଭାବନାତ୍ମକ ସ୍ଥିରତା ଆସିବା ସହ ସେମାନଙ୍କୁ ମାନସିକ ଶାନ୍ତି ମିଳିଥାଏ। ତା'ସହିତ ଝୁଣ୍ଟିଆ ପରିଧାନ ସେମାନଙ୍କୁ ସୌଭାଗ୍ୟବତୀର ଆଶୀର୍ବାଦ ପ୍ରଦାନ କରିଥାଏ ବୋଲି ବିଶ୍ୱାସ କରାଯାଏ। ସେଥିପାଇଁ ସଧବା ନାରୀମାନେ ସବୁବେଳେ ପାଦରେ ଝୁଣ୍ଟିଆ ପିନ୍ଧିଥାନ୍ତି। ତେବେ ଜାଣନ୍ତି କି ଝୁଣ୍ଟିଆ ଅତି ପୁରୁଣା ହୋଇଗଲେ କିମ୍ବା ଏହାର କିଛି ଅଂଶ ଭାଙ୍ଗିଗଲେ ଏହାକୁ ଆଉ ପାଦରେ ପିନ୍ଧିବା ଆଦୌ ଶୁଭଙ୍କର ନୁହେଁ। କାରଣ ଏହା ମହିଳାଙ୍କ ବୈବାହିକ ଜୀବନରେ ଅନେକ ନକାରାତ୍ମକ ପ୍ରଭାବ ପକାଇଥାଏ। ସେହିପରି ପୁରୁଣା ଝୁଣ୍ଟିଆକୁ ଯେତେବେଳେ ନାହିଁ ସେତେବେଳେ ବଦଳାଇ ନୂଆ ଝୁଣ୍ଟିଆ ପିନ୍ଧିବା ବି ଠିକ୍ ନୁହେଁ। ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ଶୁଭଦିନ ବା ଶୁଭତିଥି ଯେମିତିକି ପୂର୍ଣ୍ଣିମା, ଅକ୍ଷୟ ତୃତୀୟା, ନବରାତ୍ରି ଆଦି ସମୟରେ ପୁରୁଣା ଝୁଣ୍ଟିଆ ବଦଳାଇ ନୂଆ ଝୁଣ୍ଟିଆ ପିନ୍ଧିବା ଶୁଭ। ସେହିପରି ଶୁକ୍ରବାର ହେଉ କି ରବିବାର ମଧ୍ୟ ନୂଆ ଝୁଣ୍ଟିଆ ପିନ୍ଧିପାରିବେ କିନ୍ତୁ ଭୁଲ୍‌ରେ ବି ମଙ୍ଗଳବାର ପାଦରୁ ପୁରୁଣା ଝୁଣ୍ଟିଆ କାଢ଼ିବେ ନାହିଁ କି ନୂଆ ପିନ୍ଧିବେ ନାହିଁ। ତା'ସହିତ ଧ୍ୟାନ ଦେବେ ସବୁବେଳେ ଗାଧୋଇସାରି ସକାଳ ସମୟରେ ହିଁ ନୂଆ ଝୁଣ୍ଟିଆ ପିନ୍ଧିବେ ; ରାତିରେ ପିନ୍ଧିବା ଠିକ୍ ନୁହେଁ।

# ପାଠକୀୟ

✼ ଅବସର ପରେ ବି ଏମାନେ ବେଶ୍ ଚଳଚଞ୍ଚଳ। ନିଜ ବିଶ୍ରାମ କଥା ଚିନ୍ତା ନ କରି, ଚିନ୍ତା କରନ୍ତି ଯୁବ କ୍ରୀଡ଼ାବିତ୍ ଓ ଚାକିରି ଆଶାୟୀ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇ କେମିତି ସେମାନଙ୍କ ଭବିଷ୍ୟତ ଗଢ଼ିବେ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମାର୍ଗଦର୍ଶକ' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା। 'ଲିଭିଂ ରୁମ୍‌କୁ ସଜାଇବେ କେମିତି', 'ପ୍ରଭୁ ଗଣେଶଙ୍କର କେଉଁ ଫୁଲ ପ୍ରିୟ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ମୌସୁମୀ ପରିଡ଼ା, ସର୍ବୋଦୟ ନଗର, ପୁରୀ*

✼ ଯେଉଁ ବୟସରେ ବିଶ୍ରାମ ପାଇଁ ଚିନ୍ତା କରିବା କଥା ସେ ବୟସରେ ଏମାନେ ଚିନ୍ତା କରୁଛନ୍ତି କେମିତି ପ୍ରଶିକ୍ଷଣ ଦେବେ। ଏହି ଭାବନା ରଖି ଏମାନେ କ୍ରୀଡ଼ାବିତ୍‌ମାନଙ୍କୁ ତାଲିମ ଦେବା ସହ ଚାକିରି ଆଶାୟୀ ପିଲାଙ୍କୁ ମଧ୍ୟ ମାଗଣାରେ ପ୍ରଶିକ୍ଷଣ ଦେଉଛନ୍ତି। ତେଣୁ ଏଭଳି ଏକ ସକାରାତ୍ମକ ଭାବନାକୁ ନେଇ ଛୁଟିଦିନ ତରଫରୁ ପ୍ରସ୍ତୁତ କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମାର୍ଗଦର୍ଶକ' ଏକ ପ୍ରେରଣାଦାୟୀ ବିଷୟ ଥିଲା। 'ଆଦର୍ଶ ଗୁରୁ' ଶୀର୍ଷକ ପାଠଟି ବି ମନଛୁଆଁ ହୋଇଥିଲା।

*– ହୃଷୀକେଶ ମହାନ୍ତି, ସୋର, ବାଲେଶ୍ୱର*

✼ ବ୍ୟକ୍ତିତ୍ୱ ପୃଷ୍ଠାରୁ କବି ପୀତାମ୍ବର ତରାଇଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଶରଣାର୍ଥୀ: ଏକ ପ୍ରେମ ଗଳ୍ପ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାରେ ସ୍ଥାନିତ କ୍ରିତି ସାନନଙ୍କ ଫଟୋଟି ଖୁବ୍ ସୁନ୍ଦର ଦେଖାଯାଉଥିଲା।

*– ସ୍ମୃତି ରଞ୍ଜନ ତ୍ରିପାଠୀ, ଖୋର୍ଦ୍ଧା*

✼ ଗାଳ୍ପିକ ସୁଜିତ୍ କୁମାର ମହାପାତ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଗଣେଶ ପୂଜା ଲୁକ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ 'ଟିନା' ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ ମହାରାଷ୍ଟ୍ରର 'ଦଗଡୁଶେଠ୍ ହଲୱାଇ ଗଣପତି ମନ୍ଦିର' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*– ରୂପେଶ ଦାଶ, ମାଲକାନଗିରି*

✼ ବିବିଧା ପୃଷ୍ଠାରୁ 'ପାଉଁଜିର କଥା' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟଙ୍ଗ ପୃଷ୍ଠାରୁ 'ସଫେଇ' ଶୀର୍ଷକ ପାଠଟି ପଢ଼ିଲି, ବହୁତ ଭଲ ଲାଗିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସବୁଠୁ ବଡ଼ ସର୍ଫିଙ୍ଗ ବୋର୍ଡ', 'ଫର୍ମୁଲା ରେସର୍ ସ୍ନେହା', 'ସ୍ୱାମୀଙ୍କ ପାଇଁ ଡେ' କେୟାର' ଆଦି ପାଠଗୁଡ଼ିକ ବେଶ୍ ନିଆରା ଥିଲା।

*– ଦିଲୀପ ଦାସ, ଯାଜପୁର*

## ବିଶେଷ ଚିଠି




ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ
ଥିଲା 'ମାର୍ଗଦର୍ଶକ' ଶୀର୍ଷକ ଆଲେଖ୍ୟ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ପ୍ରେରଣା ସେମିତି।
ଆହୁରି ହୃଦୟଛୁଆଁ ଥିଲା
'ଆଦର୍ଶ ଗୁରୁ' ଶୀର୍ଷକ ଲେଖା
ସୃଜନ ପୃଷ୍ଠାର ଗପ, କବିତା ବି
ଦେଉଥିଲା ନୂଆ ନୂଆ ଶିକ୍ଷା।
ସେଥିପାଇଁ ହେ ପ୍ରିୟ ଛୁଟିଦିନ
ତୁମେ ଲାଗ ସବୁଠୁ ଅନନ୍ୟ।

*– ରଶ୍ମିତା ସୁବୁଦ୍ଧି, କେନ୍ଦୁଝର*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ସାଧବ ବୋହୂ

**ପହିଲି ବର୍ଷାର ଛିଟା ଯେବେ ଓଦା କରେ ଧରାବକ୍ଷକୁ, ସେତେବେଳେ ମନେପଡ଼େ ଗୋଟିଏ ଗୀତ..''ସାଧବ ବୋହୂ ଲୋ ସାଧବ ବୋହୂ ଝଡ଼ି ବରଷାରେ କୁଆଡ଼େ ଯାଉ...''। ଆଉ ଆଖି ଖୋଜିବୁଲେ ସେଇ କ୍ଷୁଦ୍ର ସୁନ୍ଦର ପୋକକୁ, ଯାହା ଜନମାନସରେ 'ସାଧବବୋହୂ'ଭାବେ ବେଶ୍ ପରିଚିତ। ତେବେ ଆଜିର ପରିବର୍ତ୍ତିତ ଜଳବାୟୁ ଓ ଦୂଷିତ ପରିବେଶ ଲାଗି ଯେତେ ଖୋଜିଲେ ବି ଆଉ ମିଳୁନାହାନ୍ତି ସୃଷ୍ଟିର ଏହି ସୁନ୍ଦର ବିସ୍ମୟଟି...**

ଲାଲ ଟୁକ୍ ଟୁକ୍ ରଙ୍ଗ। ମଖମଲୀ ଶରୀର। ମନ ମୋହିଲା ଭଳି ରୂପ। କହିବାକୁଗଲେ ସ୍ରଷ୍ଟାଙ୍କର ସୁନ୍ଦର କାରିଗରି ହେଉଛି ଏହି କ୍ଷୁଦ୍ର ଜୀବ। ନାଁଟି ତା'ର ସାଧବବୋହୂ। ଦିନ ଥିଲା ବର୍ଷାର ଆଗମନରେ ଘାସଗାଲିଚା ଉପରେ ଘୂରି ବୁଲୁଥିଲେ ଏଇ କ୍ଷୁଦ୍ର ସୁନ୍ଦର ପୋକ । ଯାହାକୁ ଦେଖି ବିରସ ମନରେ ବି ଆପେ ହସ ଫୁଟି ଉଠୁଥିଲା। ଭୋକଶୋଷ ହଜିଯାଉଥିଲା। ପିଲାଏ ତାକୁ ବେଶ୍ ଆଦରରେ ନେଇ ଦିଆସିଲି ଖୋଳରେ କିଛି ଘାସ ସହ ରଖି ଖେଳୁଥିଲେ। ଆଉ ଏହାର ରୂପରେ ବିମୋହିତ ହୋଇ କବିମାନେ ଲେଖୁଥିଲେ ଧାଡ଼ି ଧାଡ଼ି କବିତା। ତେବେ ବଢ଼ି ଚାଲିଥିବା ସହରୀକରଣ ଓ ବିଗିଡ଼ି ଯାଇଥିବା ଋତୁଚକ୍ର ଯୋଗୁ ଆଉ ସେ ବଡ଼ ବଡ଼ ଘାସ ଗାଲିଚାର ପଡ଼ିଆ ନାହିଁ କି ଠିକ୍ ସମୟରେ ବର୍ଷା ହେଉ ନାହିଁ। ଫଳରେ କାହାରି କ୍ଷତି କରୁ ନ ଥିବା, ମନରେ ହରସ ଭରୁଥିବା ଏହି ସୁନ୍ଦର କ୍ଷୁଦ୍ର ଜୀବଟି ଏବେ ବିଲୁପ୍ତି ପଥରେ।


**ସାଧବବୋହୂ ଏବେ କାଳ୍ପନିକ ବସ୍ତୁ ପାଲଟିଗଲାଣି**– ଶ୍ରୀଅଲେଖ ଚନ୍ଦ୍ର ମିଶ୍ର, ବିଶିଷ୍ଟ ସ୍ତମ୍ଭକାର।

ଶ୍ରୀମଦ୍ଭାଗବତରେ ଉଲ୍ଲେଖ ରହିଛି ଯେ,'ଋତୁଙ୍କ ମଧ୍ୟେ ଶ୍ରେଷ୍ଠ ବଳ। ସମ୍ପୂର୍ଣ୍ଣ ବରଷାର କାଳ'।। ଅର୍ଥାତ୍ ସବୁ ଋତୁ ମଧ୍ୟରେ ବର୍ଷାଋତୁ ଶ୍ରେଷ୍ଠ। କାରଣ ଏହି ଋତୁର ଜୀବଜଗତ ସହିତ ଯେପରି ସମ୍ବେଦନଶୀଳ ସମ୍ପର୍କ ରହିଛି, ସେପରି ଅନ୍ୟ ଋତୁ ସହିତ ନାହିଁ। ମିଥୁନ ସଂକ୍ରାନ୍ତି ବା ରଜ ସଂକ୍ରାନ୍ତି ଦିନ ପହିଲି ଆଷାଢ଼ରେ ଆକାଶ ବକ୍ଷରେ ଯେବେ କଳା ବାଦଲର ସମ୍ଭାର ଦେଖାଯାଏ ଲାଲ ମଖମଲୀ ପରି କୋମଳ କ୍ଷୁଦ୍ର ପୋକ ଅଭିସାରରେ ବାହାରି ପଡ଼ନ୍ତି। ମୁଥାଘାସ ପଡ଼ିଆରେ ଧୀରେ ଧୀରେ ଚାଲୁଥିବା ସେମାନଙ୍କର ମନଲୋଭା ସୁନ୍ଦରରୂପକୁ ଦେଖି ଲୋକେ ତାକୁ ସାଧବବୋହୂ ବୋଲି ନାମକରଣ କରିଛନ୍ତି। କାରଣ ପୂର୍ବେ ସାଧବ ଘରର ବୋହୂମାନେ ଅତୀବ ସୁନ୍ଦରୀ ଥିଲେ ଏବଂ ସେମାନଙ୍କର ରୂପ ସୌଷ୍ଠବରେ ବିମୁଗ୍ଧ ହୋଇ ରାଜା ମହାରାଜାମାନେ ସେମାନଙ୍କୁ ଅପହରଣ କରିନେଉଥିଲେ। ଏହି ସାଧବବୋହୂଙ୍କ ସହିତ ତୁଳନୀୟ ଉକ୍ତ ପୋକମାନଙ୍କୁ ଦେଖି କାହିଁ କେଉଁ କାଳରୁ ଗଢ଼ିଆସିଅଛି ଲୌକିକ ବଚନିକାଟିଏ, 'ନାଲି ଗୁଲୁ ଗୁଲୁ ସାଧବ ବୋହୂଲୋ ସାଧବବୋହୂ, ଘୋର ବରଷାରେ କୁଆଡ଼େ ଯାଉଲୋ କୋଉଠି ଥାଉ'। ଆଶ୍ଚର୍ଯ୍ୟର କଥା ସାଧବବୋହୂ ପୋକ ଆଦ୍ୟ ଆଷାଢ଼ର ପହିଲି ମେଘରେ ସେମାନଙ୍କର ଯାତ୍ରା ସମ୍ଭାର ଆରମ୍ଭ କରି ଦେଇଥିଲେ ବି ଶ୍ରାବଣର ଅବାରିତ ଧାରାରେ ସେମାନେ କୁଆଡ଼େ ଉଭେଇ ଯାଆନ୍ତି ଯେ, ଆଉ ଦେଖାଯାଆନ୍ତି ନାହିଁ। ବୋଧହୁଏ ବର୍ଷାପାଣିର ସୁଅରେ ଭାସିଯିବା ଆଶଙ୍କାରେ ସେମାନେ ନିରାପଦ ସ୍ଥାନରେ ଆତ୍ମଗୋପନ କରନ୍ତି। ଅନେକ ବର୍ଷ ତଳର ଏହି ଅନୁଭୂତି ଏବେ କାଳ୍ପନିକ ପାଲଟି ଗଲାଣି। ସେ ଋତୁ ସମ୍ଭାର ନାହିଁ କି ସେ ବର୍ଷା ନାହିଁ। ଋତୁଚକ୍ରର ଏହି ଅନିୟମିତତା ଯୋଗୁ ସାଧବବୋହୂ ଭଳି ପୋକମାନେ ଆଉ ଦେଖାଯାଉ ନାହାନ୍ତି। ସାତଦରିଆ ପାରି ସଂସ୍କୃତି ସହିତ ଜଡିତ ସାଧବ ଲଳନାମାନେ ଯେପରି ବିସ୍ମୃତ ହୋଇଗଲେଣି ସେହିପରି ଲୋପ ପାଇବାକୁ ବସିଲେଣି ସୃଷ୍ଟିର ଏହି ମନମୁଗ୍ଧକର ସୂକ୍ଷ୍ମଜୀବ।

**ସାଧବବୋହୂ ଆଣେ ଚାଷୀ ମୁହଁରେ ହସ: ଡ. ଦ୍ୱିତୀ ଚନ୍ଦ୍ର ସାହୁ, ସାହିତ୍ୟିକ ତଥା ଜାତୀୟ ଶିକ୍ଷକ ସମ୍ମାନ ପ୍ରାପ୍ତ ଶିକ୍ଷକ**

ସାଧବବୋହୂ ପୋକଟି ଓଡ଼ିଶାର ଗ୍ରାମାଞ୍ଚଳରେ 'ପାଟପୋକ'ଭାବେ ବେଶ୍ ପରିଚିତ। ଏହା ପଛର କାରଣ ହେଉଛି ରେଶମୀ ବସ୍ତ୍ର ସାଧାରଣତଃ ମୁଲାୟମ ହୋଇଥାଏ ଓ ହାତକୁ ଚିକ୍କଣ ଲାଗେ। ସେମିତି ସାଧବବୋହୂ ବି ନରମ ଓ ମୁଲାୟମ। ଆଉ ପାଟର ରଙ୍ଗ କହିଲେ ଲାଲରଙ୍ଗର ପାଟ ବସ୍ତ୍ରକୁ ଅଧିକ ବୁଝାଇଥାଏ। ଏହି ପାଟବସ୍ତ୍ରର ଓଢ଼ଣାରେ ଓଡ଼ିଆ ନାରୀ ଯେମିତି ସୁନ୍ଦର ଦିଶନ୍ତି ସେମିତି 'ପାଟପୋକ' ବି ଦେଖିବାକୁ ସୁନ୍ଦର। ସେଥିପାଇଁ ବୋଧେ ସାଧବ ପୋକକୁ 'ପାଟପୋକ' ବୋଲି କୁହାଯାଏ। ବର୍ଷାଦିନ ଆଗମନ ପରେ ମାଟିରେ ଥିବା ପାଟପୋକ ଉପରକୁ ବାହାରନ୍ତି। ଟୁକୁରୁ ଟୁକୁରୁ ପାଦରେ ଘାସଗାଲିଚାରେ ଘୂରିବୁଲନ୍ତି। ଏହାକୁ ଦେଖି ଓଡ଼ିଶାର ଚାଷୀ ନିଶ୍ଚିତ ହୁଅନ୍ତି ବର୍ଷାର ଆଗମନ ହେଲା ଓ ସେମାନେ ଚାଷବାସରେ ମନୋନିବେଶ କରନ୍ତି। ଏହାର ଉପସ୍ଥିତି ଚାଷୀଭାଇ ମନରେ ଅଫୁରନ୍ତ ସାହସ ଓ ମୁହଁରେ ହସ ଫୁଟାଏ। ଖୁସିରେ ଗୀତ ଗାଇ ଗାଇ ଚାଷ କରେ। ମୋର ମନେ ଅଛି ଆମେ ଛୋଟ ଥିଲାବେଳେ ଏହାକୁ ହାତରେ ଧରିବାକୁ ବେଶ୍ ଭଲ ପାଉଥିଲୁ। ସେଥିପାଇଁ ବର୍ଷାରେ ଭିଜି ଭିଜି ପଡିଆକୁ ଚାଲିଯାଉଥିଲୁ। ହାତରେ ଦିଆସିଲି ଖୋଳ ଧରି ପଡିଆ ସାରା ଘୂରିବୁଲୁଥିଲୁ। ବେଶ୍ କସରତ କରି ପାଟ ପୋକ ଧରୁଥିଲୁ । ତାକୁ ଘରକୁ ଆଣି ଘାସ ଓ ପତ୍ର ବିଛେଇ ରଖିବାକୁ ଚେଷ୍ଟା କରୁଥିଲୁ। ସେଥିରୁ କିଛି ଚାଲି ଯାଉଥିଲେ ତ ଆଉ କିଛି ମରି ଯାଉଥିଲେ। ତାକୁ ଛୁଇଁବା ମାତ୍ରକେ ତା'ର ଗୋଡ଼ ସବୁ ବନ୍ଦ ହୋଇଯାଏ ଓ ସେ ନିଶ୍ଚଳ ହୋଇ ପଡିରହେ । ଯେତେବେଳେ କୋଳାହଳ ଓ ଶବ୍ଦ କମିବାର ଅନୁଭବ କରେ ସେ ପୁଣି ଗୋଡ଼ ମେଲି ଚାଲିବା ଆରମ୍ଭ କରେ । ଏସବୁ ଦେଖିବାକୁ ଭାରି ମଜା ଲାଗୁଥିଲା। ହେଲେ ଆମର ଏଭଳି କାମ ଦେଖି ସେତେବେଳେ ଜେଜେ ମା' ଓ ମା'ଙ୍କ ପାଟିରୁ ବାହାରିଯାଉଥିଲା– ''ଦେଖ ବାବୁ ! ପାଟପୋକ ମରିଗଲେ, ତୁ ବି ମା'ଛେଉଣ୍ଡ ହୋଇଯିବୁ।'' ଏତିକିରେ ଦଲକାଏ ଛାନିଆ ଛାତି ଭିତରକୁ ପଶିଯାଉଥିଲା। ପୁଣି ପାଖ ପଡ଼ିଆରେ ସବୁ ପାଟପୋକକୁ ଛାଡିବାକୁ ବାଧ୍ୟ ହେଉଥିଲୁ। ସ୍ୱଳ୍ପଦିନ ପାଇଁ ଭୂପୃଷ୍ଠରେ ଦେଖାଦେଇ ପାଟପୋକ କେଉଁଆଡେ ଅଦୃଶ୍ୟ ହୋଇଯାଏ କେହି ଜାଣିପାରନ୍ତି ନାହିଁ। ଅନେକେ କହନ୍ତି, ବରଷାରାଣୀ ରାଗିଯାଇ ପୃଥିବୀରୁ ଯେବେ ଚାଲିଯାଏ, ସେତେବେଳେ ପାଟପୋକ ମାଟି ଭିତରେ ମୁହଁ ଲୁଚାଇ ଚାଲିଯାଏ।












## ସଙ୍ଗୀତରେ ସାଧବବୋହୂ

ସାଧବବୋହୂ ପୋକର ରୂପ କିମିଆ କରେ ସାଧାରଣ ମଣିଷଠୁ ଆରମ୍ଭ କରି କବି ପ୍ରାଣକୁ ବି। ସେଥିପାଇଁ ତ ଏହାକୁ ନେଇ ରଚନା କରାଯାଇଛି ଅନେକ କବିତା। ତା'ସହ ଚଳଚ୍ଚିତ୍ର, ଆଲବମ୍‌ରେ ନାୟିକାକୁ ସାଧବବୋହୂ ସହ ତୁଳନା କରି ଚିତ୍ରାୟନ କରାଯାଇଛି ଅନେକ ସୁନ୍ଦର ଗୀତ। ଯେମିତିକି 'ସାଧବ ବୋହୂ ଲୋ ସାଧବ ବୋହୂ ଝଡ଼ ବରଷାରେ କୁଆଡ଼େ ଯାଉ...', 'ସାଧବବୋହୂ ଲୋ ସାଧବ ବୋହୂ.. ହସିବୁନି ବେଶି ଝରିବ ମହୁ', 'ସାଧବବୋହୂଟେ ପରି ଲାଗୁଛୁ ସତେ ଲୋ ଗୋରୀ...', ଏ ସାଧବବୋହୂ ଲୋ ଏ ସାଧବ ବୋହୂ ତୁ ରୁଷନା ରୁଷନା ରୁଷନା ଲୋ ଆଉ..., 'ସାଧବବୋହୂ ଡାକେ ଠାରି..' ଆଦି।

## ସାଧବବୋହୂର ଜୀବନ ଚକ୍ର

**ପ୍ର. ଆଶିଷ କୁମାର ମହାନ୍ତି** କୁହନ୍ତି, 'ଯେତେବେଳେ ବାୟୁମଣ୍ଡଳର ତାପମାତ୍ରା ଅଧିକ ଥାଏ ଓ ମୌସୁମୀର ଆଗମନ ହୋଇଥାଏ, ସେତେବେଳେ ଅନେକ ଜୀବ ଲୁଚିଥିବା ସ୍ଥାନରୁ ବାହାରକୁ ବାହାରି ଆସିଥାଆନ୍ତି। ସେମାନଙ୍କ ମଧ୍ୟରୁ ସାଧବବୋହୂ ଅନ୍ୟତମ। ସାଧବ ବୋହୂକୁ ଇଂଲିଶରେ 'ରେନ୍ ବଗ୍' ବା 'ରେଡ ଭେଲଭେଟ୍ ମାଇଟ୍' କହନ୍ତି। ଭାରତର ବିଭିନ୍ନ ସ୍ଥାନରେ ଏହା ଭିନ୍ନ ଭିନ୍ନ ନାମରେ ପରିଚିତ। ଯେମିତିକି ରାଜସ୍ଥାନରେ ଏହା 'ବୁଢୀ ମାଈ', ଛତିଶଗଡ଼ରେ 'ରାନୀ କୀଡା', ଉତ୍ତର ଭାରତର ଅନେକ ଭାଗରେ 'ଭଗବାନ କି ବୁଢିୟା', ଦକ୍ଷିଣ ଭାରତର ତେଲୁଗୁ ଭାଷାଭାଷୀମାନେ ଏହାକୁ 'ଅରୁଦ୍ର', ତାମିଲରେ 'ପଟ୍ଟୁ ପାପାତି' କହନ୍ତି। ହରିୟାଣାରେ ଏହାକୁ 'ତିଜ୍' କୁହନ୍ତି। ପ୍ରୟାଗରାଜ ଉତ୍ତର ପ୍ରଦେଶରେ ଏହା 'ଭଗବାନ' ନାମରେ ପରିଚିତ। କିଛି ସ୍ଥାନରେ ଏହା 'ବୀରବହୂଟି' ନାମରେ ବି ପରିଚିତ। ଉତ୍ତର ଆମେରିକାର କିଛି ସ୍ଥାନ ଖାସ୍‌କରି ଦକ୍ଷିଣ ପଶ୍ଚିମ ଭାଗରେ ଏହି ପୋକ ଦେଖାଯାଆନ୍ତି। ଏଠାରେ ଏହା 'ରେନ୍ ବଗ୍' ନାମରେ ପରିଚିତ।

**କୀଟ ନୁହନ୍ତି:** ସାଧବ ବୋହୂ ଏକ ସନ୍ଧିପଦ ପ୍ରାଣୀ। ହେଲେ ଅନ୍ୟ ସନ୍ଧିପଦ ପ୍ରାଣୀଙ୍କ ଶରୀର ପରି ଏମାନଙ୍କ ଶରୀର ଅଲଗା ଅଲଗା ଖଣ୍ଡରେ ଯୋଡ଼ା ହୋଇଥିବା ପରି ଦେଖା ଯାଇ ନ ଥାଏ। ଖାଲି ଯାହା ଗୋଡ଼ଗୁଡ଼ିକରୁ ଏହା ଜଣାଯାଏ। ଏମାନେ କିନ୍ତୁ କୀଟ ପ୍ରଜାତିର ନୁହନ୍ତି। କାରଣ ଏମାନଙ୍କର ବୁଢ଼ିଆଣୀମାନଙ୍କ ପରି ୪ ଯୋଡ଼ା ଗୋଡ଼ ଥାଏ। ତେଣୁ ଏମାନେ ଆରାକନିଡା ଶ୍ରେଣୀଭୁକ୍ତ ଓ ଟ୍ରମ୍ବିଡ଼ିଡ଼ି ପରିବାରର ସଦସ୍ୟ। ଏଠାରେ ସୂଚାଇ ଦିଆଯାଇପାରେ ଯେ, ବୟସ୍କମାନଙ୍କର ୪ ଯୋଡ଼ା ଗୋଡ଼ ଥିବାବେଳେ, ଲାର୍ଭାମାନଙ୍କର ୩ ଯୋଡ଼ା ଗୋଡ଼ ଥାଏ। ଏମାନେ ଗତିଶୀଳ ଅବସ୍ଥାରେ ଆଗ ଦୁଇଗୋଡ଼କୁ ଆଣ୍ଟେନା ଭାବରେ ବ୍ୟବହାର କରିଥାଆନ୍ତି। ଯଦିଓ ଅଧିକାଂଶ ପ୍ରାପ୍ତ ବୟସ୍କ ସଦସ୍ୟଙ୍କର ଲମ୍ବ ସାଧାରଣତଃ ୪ ମିଲିମିଟର ପାଖାପାଖି ହୋଇଥାଏ କିନ୍ତୁ ଭାରତ ଓ ଆଫ୍ରିକାରେ ଦେଖାଯାଉଥିବା କିଛି ପ୍ରଜାତିର ସାଧବବୋହୂ ୧୨ ମିଲିମିଟର ପର୍ଯ୍ୟନ୍ତ ବଢ଼ିଥାଆନ୍ତି।

**ଦିବାଚର, ନୁହନ୍ତି କ୍ଷତିକାରକ:** ଏମାନେ ଦିବାଚର ଓ ରାତି ହେଲେ ଲୁଚିଯାଇଥାଆନ୍ତି। ବର୍ଷାଦିନେ ଦେଖାଯାଉଥିବା ଏହି ଜୀବ ବର୍ଷର ଅନ୍ୟ କେଉଁ ସମୟରେ ଦେଖାଯାଇ ନ ଥାନ୍ତି। ଏମାନେ ବାଲିରେ ବା ମାଟିରେ ଗାତ କରି ରହିଥାଆନ୍ତି। ଏମାନଙ୍କୁ ଛୁଇଁଲେ ବା ହାତ ମାରିଲେ, ନିଜ ଗୋଡ଼ଗୁଡ଼ିକୁ ପେଟ ତଳେ ଦାବି ନେଇ ପଡ଼ିରହନ୍ତି। ଅବଶ୍ୟ ଅଳ୍ପ କିଛି ସମୟ ପରେ ପୁଣି ଚାଲିବା ଆରମ୍ଭ କରିଦିଅନ୍ତି। ଏହା ମଣିଷର କୌଣସି କ୍ଷତି କରି ନ ଥାଏ। ତେବେ ତାଙ୍କ ଶରୀରରୁ ନିର୍ଗତ ହେଉଥିବା ଏକ ପ୍ରକାରର ତୈଳୀୟ ପଦାର୍ଥ ପାଇଁ କିଛିଟା ପୋଡିବା ପରି ଅନୁଭବ ହୋଇପାରେ।

**କେଉଁଠି ଦେଖାଯାଆନ୍ତି:** ବୟସ୍କ ସାଧବବୋହୂ ପୋକ ପଚାଶଢ଼ା ପତ୍ର, ମସ୍ ଘାସ ମିଶ୍ରିତ ବାଲିଆ ସ୍ଥାନରେ ବେଶି ଦେଖାଯାଆନ୍ତି। ଏମାନଙ୍କ ମଧ୍ୟରୁ କିଛି ମରୁଭୂମିର ଶୁଖିଲା ବାଲିଆ ସ୍ଥାନରେ ମଧ୍ୟ ଦେଖାଯାଆନ୍ତି। ବର୍ଷସାରା ଲୁଚି ରହୁଥିବା ଜୀବ ବର୍ଷା ହେବା ପରେ ବାହାରି ଆସନ୍ତି ଓ ପ୍ରଜନନ ମଧ୍ୟ କରନ୍ତି। ଏମାନେ ମଣିଷ ଓ ଅନ୍ୟ ମେରୁଦଣ୍ଡୀ ପ୍ରାଣୀମାନଙ୍କ ପାଇଁ କ୍ଷତିକାରକ ନୁହନ୍ତି କିନ୍ତୁ ଅନେକ କୀଟ ପତଙ୍ଗଙ୍କ ଉପରେ ପରଜୀବୀ ହୋଇଥାଆନ୍ତି ଓ ଏମାନଙ୍କୁ ଖାଇ ବଞ୍ଚିଥାଆନ୍ତି।

**ପୁରୁଷ ସାଧବବୋହୂ ଗଢ଼େ ପ୍ରେମ ବଗିଚା:** ପ୍ରଜନନ ସମୟ ଆସିଲେ, ଉଭୟ ପୁରୁଷ ଓ ମାଈ ସାଧବବୋହୂ ପୋକ ମିଳନ ନୃତ୍ୟ କରିଥାଆନ୍ତି। ଏହି ସମୟରେ ସେମାନେ ଗୋଲାକାର ପଥରେ ଗତି କରିଥାଆନ୍ତି ଓ ନିଜ ଆଗଗୋଡ଼ ଦ୍ୱାରା ଅନ୍ୟକୁ ଛୁଇଁଥାଆନ୍ତି। କୁହାଯାଏ ଯେ, ଏ ପ୍ରକ୍ରିୟାର ପ୍ରାରମ୍ଭରେ ପୁରୁଷ ସାଧବବୋହୂ ଏକପ୍ରକାର ପ୍ରେମ ବଗିଚା ତିଆରି କରିଥାଏ। ଏହି ସମୟରେ ନିଜ ନିଜ ଭିତରେ ଯୋଗସୂତ୍ର ରଖିବା ପାଇଁ ସୂତା ପରି ଜିନିଷ ଜମା କରିଥାଆନ୍ତି। ଏହାପରେ ପୁରୁଷ ସାଧବବୋହୂ ଶୁକ୍ରାଣୁମାନଙ୍କର ପ୍ୟାକେଟ୍ ସବୁ ତଳେ ଜମା କରିଦେଇଥାଏ। ଏହାକୁ ସ୍ପର୍ମାଟୋଫୋର୍ସ୍ କୁହାଯାଏ। ମାଈ ସାଧବବୋହୂ ଏକତ୍ରିତ ଶୁକ୍ରାଣୁ ପ୍ୟାକେଟ୍ ଉପର ଦେଇ ଗତି କରିଥାଏ ଓ ଏହାପରେ ଅନେକ ଅଣ୍ଡା ତା' ଉପରେ ଜମା କରିଦେଇଥାଏ। ଅଣ୍ଡାର ଆକାର ଓ ସଂଖ୍ୟା ସାଧବବୋହୂର ପ୍ରଜାତି ଉପରେ ନିର୍ଭର କରିଥାଏ। ଅଣ୍ଡା ସଂଖ୍ୟା ୧୦ରୁ ୧୨ ଲକ୍ଷ ପର୍ଯ୍ୟନ୍ତ ହୋଇଥାଏ। ଏହି ପ୍ରକ୍ରିୟା ସାଧାରଣତଃ ଗ୍ରୀଷ୍ମଋତୁର ଶେଷ ଭାଗରେ ସମ୍ପାଦିତ ହୋଇଥାଏ। ବାଲିରେ, ଗଛପତ୍ର ବା ଘାସରେ ଲାଗିରହିଥିବା ଅଣ୍ଡାଗୁଡ଼ିକ ପ୍ରାୟ ୧ରୁ ୨ ମାସ ପରେ ଫୁଟିଥାନ୍ତି।


**ଲାର୍ଭା ପରଜୀବୀ:** ସାଧବବୋହୂ ପୋକଙ୍କ ଜୀବନଚକ୍ର ଅଣ୍ଡା, ପ୍ରିଲାର୍ଭା, ଲାର୍ଭା, ପ୍ରୋଟୋନିମ୍ଫ, ଡ୍ୟୁଟୋନିମ୍ଫ, ଟ୍ରାଇଟୋନିମ୍ଫ ଓ ପ୍ରାପ୍ତବୟସ ଅବସ୍ଥା ଦେଇ ଗତି କରିଥାଏ। ଏମାନଙ୍କର ଲାର୍ଭା ସବୁ ପରଜୀବୀ। ଯଦି ଏମାନେ ଠିକ୍ ଆଧାର ପ୍ରାଣୀକୁ ପାଇବାରେ ସକ୍ଷମ ହୁଅନ୍ତି, ତେବେ ଏମାନେ ବାହ୍ୟ ପରଜୀବୀ ଭାବେ ସେମାନଙ୍କ ଶରୀରରେ ଲାଗିରହନ୍ତି ଓ କିଛି ସମୟ ପରେ ଶରୀର ମଧ୍ୟକୁ ଗାତ କରି ପଶିଯାଆନ୍ତି। ଏହାପରେ ଶରୀରରୁ ରସକୁ ଶୋଷି ନେଇଥାନ୍ତି। ପ୍ରାଣୀ ଜୀବିତ ଥିବା ଅବସ୍ଥାରେ ଏମାନେ ଶରୀର ମଧ୍ୟରେ ରହିପାରିଥାଆନ୍ତି। ପ୍ରାୟ ୧ରୁ ୨ ସପ୍ତାହ ପରେ ପୁଣି ଏମାନେ ଆଧାର ପ୍ରାଣୀର ଶରୀରରୁ ଅଲଗା ହୋଇ ବାଲିରେ ବା ମାଟିରେ ରହିଥାଆନ୍ତି। ଏମାନଙ୍କର ଜୀବନଚକ୍ରର କିଛି ଅବସ୍ଥାରେ ଏମାନେ ନିଷ୍କ୍ରିୟ ରୁହନ୍ତି। ଯେମିତି ଅଣ୍ଡା, ପ୍ରିଲାର୍ଭା, ପ୍ରୋଟୋନିମ୍ଫ ଓ ଟ୍ରାଇଟୋନିମ୍ଫ। ପ୍ରୋଟୋନିମ୍ଫ ଓ ଟ୍ରାଇଟୋନିମ୍ଫ ଅବସ୍ଥାକୁ କୀଟମାନଙ୍କର ପ୍ୟୁପା ଅବସ୍ଥା ସହିତ ତୁଳନା କରାଯାଇପାରେ। ଏ ଅବସ୍ଥାରେ ଏମାନଙ୍କର ଚାରିପାଖେ କ୍ୟୁଟିକଲର ଏକ ଆବରଣ ରହିଥାଏ। ଡ୍ୟୁଟୋନିମ୍ଫ ଅବସ୍ଥାରେ ଏମାନେ ବାଲିରେ ବା ମାଟିରେ ରହି ବିଭିନ୍ନ କୀଟ ପତଙ୍ଗଙ୍କର ଅଣ୍ଡା ଓ ଅନ୍ୟ ଜୈବିକ ବସ୍ତୁମାନଙ୍କୁ ଖାଇ ବିକଶିତ ହୋଇଥାଆନ୍ତି। ଏହାପରେ ଟ୍ରାଇଟୋନିମ୍ଫ ଅବସ୍ଥାକୁ ଆସିଥାନ୍ତି ଓ ସୁପ୍ତ ଅବସ୍ଥାରେ ଥାଇ ମଧ୍ୟ ଶରୀରକୁ ଆହୁରି ବିକଶିତ କରିଥାନ୍ତି। ସର୍ବଶେଷରେ ଏଥିରୁ ପ୍ରାପ୍ତବୟସର ସାଧବବୋହୂ ବିଶେଷକରି ବର୍ଷାଦିନେ ବାହାରିଥାଆନ୍ତି।

**ସାଧବବୋହୂ କ'ଣ ଖାଏ:** ଛୋଟ ଛୋଟ ଲାଲରଙ୍ଗର ଲାର୍ଭା ଜୀବମାନଙ୍କ ଶରୀରରେ ଲାଗି ରହି ସମ୍ପୂର୍ଣ୍ଣ ପରଜୀବୀ ଜୀବନ ଅତିବାହିତ କରୁଥିବାବେଳେ ବଡ଼ମାନେ ଅନ୍ୟ ଜୀବମାନଙ୍କ ଅଣ୍ଡା, ଛୋଟଛୋଟ କୀଟ ପତଙ୍ଗକୁ ଖାଇ ବଞ୍ଚିଥାନ୍ତି। ବଡ଼ ବଡ଼ ଆକାରର ସାଧବବୋହୂ ପୋକମାନେ ଝିଣ୍ଟିକା, ପ୍ରଜାପତି, ବୁଢ଼ିଆଣୀ, ଏମିତିକି କଙ୍କଡ଼ାବିଛାମାନଙ୍କୁ ମଧ୍ୟ ଖାଇଯାଇ ଥାଆନ୍ତି। ପିମ୍ପୁଡ଼ି, ଉଇ, ମାଛି ଓ ଶସ୍ୟକ୍ଷେତ୍ରରେ ଦେଖାଯାଉଥିବା ସବୁପୋକଙ୍କୁ ଏମାନେ ଶିକାର କରିଥାନ୍ତି। ଏହାଛଡ଼ା ଛୋଟ ଛୋଟ ମୃତଜୀବଙ୍କ ଶରୀରକୁ ବିଘଟନ କରି ମାଟିରେ ମିଶାଇବାରେ ମଧ୍ୟ ସାହାଯ୍ୟ କରିଥାଆନ୍ତି। ଏହା ଉଇ, ଉଡ୍ ଲାଇସ୍, ଛୋଟ ବୁଢିଆଣୀ ଖାଇଥାଏ।


**ସାଧବ ପୋକରୁ ହୁଏ ଔଷଧ:** ଗ୍ରୋ ଉଇଥ୍ ନେଚର୍‌ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ବାୟୋଲୋଜିଷ୍ଟ **ଗାୟତ୍ରୀ ଦେବୀ** କୁହନ୍ତି, 'ଭାରତରେ ଔଷଧ ତିଆରି କ୍ଷେତ୍ରରେ ସାଧବବୋହୂ ପୋକର ବହୁ ଗୁରୁତ୍ୱ ରହିଛି। ଖାସ୍‌କରି ଗ୍ରୀକ୍ ସଭ୍ୟତାରୁ ଆରମ୍ଭ ୟୁନାନି ଔଷଧ ତିଆରିରେ ଏହାକୁ ବ୍ୟବହାର କରାଯାଏ। ହୋମିଓପାଥିରେ ଖାଡ଼ାବାନ୍ତି ଉପଚାର ପାଇଁ ସାଧବବୋହୂ ପୋକରେ ତିଆରି ଔଷଧ ବ୍ୟବହାର କରାଯାଏ। ନୂଆ କରି ମା' ହୋଇଥିବା ମହିଳାଙ୍କ ଟନିକ୍ ପ୍ରସ୍ତୁତିରେ ବି ଏହାର ବ୍ୟବହାର ହୁଏ। ଏହି ପୋକରୁ ବାହାର କରାଯାଉଥିବା ତେଲକୁ ପାରାଲିସିସ୍ ଓ ଇମ୍ୟୁନିଟି ସମ୍ପର୍କିତ ରୋଗର ଉପଚାର ପାଇଁ ତିଆରି କରାଯାଉଥିବା ଭାରତୀୟ ପାରମ୍ପରିକ ଔଷଧରେ ବ୍ୟବହାର କରାଯାଇଥାଏ। ଏହାବାଦ୍ ଏହାକୁ ଯୌନ ଇଚ୍ଛା ବୃଦ୍ଧିକାରୀ ଔଷଧ ପ୍ରସ୍ତୁତିରେ ବହୁଳ ବ୍ୟବହାର କରାଯାଏ। ତେଣୁ ଏହାକୁ ଭାରତୀୟ ଭାଏଗ୍ରା ବୋଲି ମଧ୍ୟ କୁହାଯାଏ। ଏହି ପୋକ ନିଜର ପରିବେଶ ପ୍ରତି ବହୁତ ସମ୍ବେଦନଶୀଳ ହୋଇଥାନ୍ତି। ବଢୁଥିବା ସହରୀକରଣ ସହ ସାଧବ ପୋକ ରହୁଥିବା ଆଖପାଖ ସ୍ଥାନରେ ପେଷ୍ଟିସାଇଡର ବହୁଳ ବ୍ୟବହାର ଏବଂ ଡ୍ରଗ୍ ଟ୍ରେଡରମାନଙ୍କର ଏମାନଙ୍କ ଉପରେ ହେଉଥିବା ଅତ୍ୟଧିକ ଶୋଷଣ ହେଉଛି ଏହାର ବିଲୁପ୍ତିର ମୁଖ୍ୟ କାରଣ। ତେବେ ଏବେ ବି ଯେଉଁଠି ପ୍ରାକୃତିକ ପରିବେଶ ସୁସ୍ଥ ଅଛି ତଥା ବଣ ଜଙ୍ଗଲ ସ୍ଥାନରେ ସାଧବ ପୋକ ଦେଖାଯାଉଛନ୍ତି।

କିଛି ସମୟ ପାଇଁ ଦେଖା ଦେଇ ରହସ୍ୟମୟ ଭାବେ ଲୁଚି ଯାଉଥିବା ଏହି ସୁନ୍ଦର କ୍ଷୁଦ୍ର ଜୀବଟି ଏବେ ବିଲୁପ୍ତି ପଥରେ। ଆଗାମୀ ଦିନରେ ଏହାକୁ ଦେଖିବା ଯେମିତି ସାତ ସପନ ହୋଇ ନ ଯାଉ ସେଥିପାଇଁ ପଦକ୍ଷେପ ନେବାର ସମୟ ଆସିଯାଇଛି।

**–ଶିବାନୀ ମହାନ୍ତି**


ଶ୍ରୀ ଅଲେଖ ଚନ୍ଦ୍ର ମିଶ୍ର


ଡ. ଦ୍ୱିତୀ ଚନ୍ଦ୍ର ସାହୁ


ପ୍ର. ଆଶିଷ କୁମାର ମହାନ୍ତି


ଗାୟତ୍ରୀ ଦେବୀ

# ବୋଟ୍ ନେକ୍ କୁର୍ତ୍ତି ଫ୍ୟାଶନ





**ବୋଟ୍ ନେକ୍ କୁର୍ତ୍ତିର ଆକର୍ଷଣୀୟ ନେକ୍ ଡିଜାଇନ୍ ହିଁ ଏହାର ମୁଖ୍ୟ ଆକର୍ଷଣ ହୋଇଥାଏ। ସିମ୍ପଲ, ସୋବର୍ ଲୁକ୍ ଦେଉଥିବା ଏହି କୁର୍ତ୍ତିକୁ ସବୁ ବର୍ଗର ମହିଳା ବେଶ୍ ଆରାମରେ କ୍ୟାରି କରିପାରିବେ...**

ଅଫିସ୍ ହେଉ କି କଲେଜ, ପୂଜା ହେଉ କି ଉତ୍ସବ ଅଥବା ଘରେ କୌଣସି ଫଙ୍କସନ୍ ଥିଲେ କିମ୍ବା କୌଣସି ସମ୍ପର୍କୀୟଙ୍କ ଘରକୁ ଯିବାର ଥିଲେ ଅଧିକାଂଶ ମହିଳାଙ୍କ କ୍ଷେତ୍ରରେ କୁର୍ତ୍ତି ପିନ୍ଧିବା ଏକ କମ୍ଫଟେବଲ୍ ଆଉଟ୍‌ଫିଟ୍ ହୋଇଥାଏ। ଆଉ ଏହି କୁର୍ତ୍ତିକୁ ସେମାନେ ଜିନ୍ସ, ପ୍ଲାଜୋ, ଟ୍ରାଉଜର୍, ଲେଗିଂସ୍, ଶରାରା ଭଳି ବଟମ୍ସ ସହିତ ଆରାମରେ କ୍ୟାରି କରି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ। ତେବେ କୁର୍ତ୍ତିର ବିଭିନ୍ନ ଭେରାଇଟି ମଧ୍ୟରୁ ବୋଟ୍ ନେକ୍ କୁର୍ତ୍ତିର ଆଜିକାଲି ବେଶ୍ ଚାହିଦା ରହିଥିବା ଦେଖିବାକୁ ମିଳୁଛି। ଏହା ପଛରେ କ'ଣ କାରଣ ରହିଛି ଜାଣନ୍ତୁ ସେ ସମ୍ପର୍କରେ...

**✲ ଷ୍ଟାଇଲ୍ ଓ କମ୍ଫର୍ଟର ପରଫେକ୍ଟ ବାଲାନ୍ସ :** ବୋଟ୍ ନେକ୍ କୁର୍ତ୍ତିର ସବୁଠୁ ଖାସ୍ କଥା ହେଉଛି, ଏହାକୁ ପିନ୍ଧିବା ପରେ ଆଉ ଡିପ୍ ବେକକୁ ନେଇ କୌଣସି ଚିନ୍ତା କରିବାକୁ ପଡି ନଥାଏ। ଯଦ୍ଦ୍ୱାରା ପାର୍ଟି, ଫଙ୍କସନ୍‌ରେ ଏହାକୁ କ୍ୟାରି କରି ସମସ୍ତଙ୍କ ସହ ଆରାମରେ ମିଶିହୁଏ। ତା'ଛଡ଼ା ଏହି କୁର୍ତ୍ତି ସାଙ୍ଗରେ ଦୁପଟ୍ଟା କ୍ୟାରି କରିବା ସେମିତି କିଛି ଜରୁରୀ ମଧ୍ୟ ନୁହେଁ। କାରଣ ଏହାର ଷ୍ଟାଇଲିଶ୍ ନେକ୍ ଡିଜାଇନ୍ ହିଁ ଏହାର ମୁଖ୍ୟ ଷ୍ଟାଇଲ୍ ଷ୍ଟେଟମେଣ୍ଟ ହୋଇଥାଏ। ତେଣୁ ଷ୍ଟାଇଲ୍ ହେଉ କି କମ୍ଫର୍ଟ ସବୁର ପରଫେକ୍ଟ ବାଲାନ୍ସ ରହିଥାଏ ଏହି କୁର୍ତ୍ତିରେ।

**✲ ବିଭିନ୍ନ ଫାବ୍ରିକ୍ ଓ ଡିଜାଇନ୍‌ରେ ଉପଲବ୍ଧ:** ମାର୍କେଟ୍‌ରେ ଭିନ୍ନ ଭିନ୍ନ ଫାବ୍ରିକ୍ ଓ ଡିଜାଇନ୍‌ରେ ବୋଟ୍ ନେକ୍ କୁର୍ତ୍ତି ମିଳିଥାଏ। କେବଳ ନିଜ ପସନ୍ଦ ଅନୁଯାୟୀ, ଏହାକୁ କିଣିବା କଥା। କଟନ୍ ହେଉ କି ସିଫନ୍ ଅଥବା ଜର୍ଜେଟ୍ କିମ୍ବା ଅର୍ଗେଞ୍ଜା ତଥା ଅନ୍ୟ ଯେ କୌଣସି ଫାବ୍ରିକ୍‌ର ବୋଟ୍ ନେକ୍ କୁର୍ତ୍ତି ପିନ୍ଧିଲେ ବି ଲୁକ୍ ବେଶ୍ ଆକର୍ଷଣୀୟ ଦେଖାଯାଇଥାଏ। ସେହିପରି ଅନାରକଲି ହେଉ କି ଏ ଲାଇନ୍, ବ୍ରୋକେଡ୍, ଷ୍ଟ୍ରେଟ୍ ଫିଟ୍ କିମ୍ବା ଶର୍ଟ ବୋଟ୍ ନେକ୍ ଡିଜାଇନ୍‌ରେ ଆସୁଥିବା ଏହି କୁର୍ତ୍ତି ବି ପିନ୍ଧିବାକୁ ବେଶ୍ କମ୍ଫର୍ଟେବଲ୍ ଆଉ ଷ୍ଟାଇଲିଶ୍ ଲାଗିଥାଏ। ସେଥିପାଇଁ ସବୁ ବର୍ଗର ମହିଳାଙ୍କୁ ବୋଟ୍ ନେକ୍ କୁର୍ତ୍ତି ଖୁବ୍ ପସନ୍ଦ ଆସିଥାଏ।

**ଟ୍ରେଣ୍ଡି ବୋଟ୍ ନେକ୍ କୁର୍ତ୍ତି**

ମାର୍କେଟ୍‌ରେ ତ ବିଭିନ୍ନ ଡିଜାଇନ୍‌ର ବୋଟ୍ ନେକ୍ କୁର୍ତ୍ତି ଉପଲବ୍ଧ। କିନ୍ତୁ ଏଠାରେ କିଛି ଲାଟେଷ୍ଟ ଡିଜାଇନ୍‌ର ବୋଟ୍ ନେକ୍ କୁର୍ତ୍ତି ସମ୍ପର୍କରେ ଉଲ୍ଲେଖ କରାଯାଉଛି ; ଯାହାକୁ ପିନ୍ଧି ବେଶ୍ ସହଜରେ ଟ୍ରେଣ୍ଡି ଲୁକ୍ ପାଇହେବ। ଯେମିତିକି:

ବ୍ଲାକ୍ ପ୍ରିଣ୍ଟେଡ୍ ବୋଟ୍ ନେକ୍ କୁର୍ତ୍ତି ଡିଜାଇନ୍, ଫ୍ଲୋରାଲ୍ ପ୍ରିଣ୍ଟେଡ୍ ବୋଟ୍ ନେକ୍ କୁର୍ତ୍ତି, ବୋଟ୍ ନେକ୍ ସାଇଡ୍ ବଟନ୍ ପ୍ଲାକେଟ୍ କୁର୍ତ୍ତି, ୟୋକ୍ ପାଟର୍ନ ବୋଟ୍ ନେକ୍ କୁର୍ତ୍ତି ଡିଜାଇନ୍, ଗୋଟା ୱାର୍କ କଟନ୍ କୁର୍ତ୍ତା ଟ୍ରାଉଜର୍ ସେଟ୍, ଡିଜାଇନର୍ ଚନ୍ଦେରୀ ପାର୍ଟି ୱେର୍ ବୋଟ୍ ନେକ୍ କୁର୍ତ୍ତି, ସିମ୍ପଲ ବୋଟ୍ ନେକ୍ କଟନ୍ ଇକ୍କତ କୁର୍ତ୍ତି ଡିଜାଇନ୍ ଇତ୍ୟାଦି। ଏସବୁ କୁର୍ତ୍ତିକୁ କାଜୁଆଲି ଆପଣ ଯେତେବେଳେ ଚାହିଁବେ ସେତେବେଳେ ପିନ୍ଧିପାରିବେ। କିନ୍ତୁ ଖାସ୍ କରି କୌଣସି ପାର୍ଟିକୁ ଯିବାର ଥିଲେ, ସେ କ୍ଷେତ୍ରରେ ୟୁନିକ୍ ବୋଟ୍ ନେକ୍ ପାର୍ଟି ୱେର୍ କୁର୍ତ୍ତି, ଏମ୍ବେଲିଶ୍ଡ ପାର୍ଟି ୱେର୍ ବୋଟ୍ ନେକ୍ କୁର୍ତ୍ତି, ଷ୍ଟାଇଲିଶ୍ ବୋଟ୍ ନେକ୍ କୁର୍ତ୍ତି ଡିଜାଇନ୍, କ୍ରିସ୍ କ୍ରସ୍ ପାର୍ଟନ କୁର୍ତ୍ତି ନେକ୍ ଲାଇନ୍, କୋଲ୍ଡ ସୋଲ୍ଡର ବୋଟ୍ ନେକ୍ କୁର୍ତ୍ତି, ଏମ୍ବେଲିଶ୍ଡ ବୋଟ୍ ନେକ୍ ଲାଇନ୍ ପାର୍ଟି ୱେର୍ କୁର୍ତ୍ତି, ବୋଟ୍ ନେକ୍ ଟାସେଲ୍ କୁର୍ତ୍ତି, ହେଭିଲି ଏମ୍ବେଲିଶ୍ଡ ୱେଡିଂ ବୋଟ୍ ନେକ୍ କୁର୍ତ୍ତି ଇତ୍ୟାଦିକୁ ଟ୍ରାଏ କରି ଗର୍ଜିୟସ୍ ଲୁକ୍ ପାଇପାରିବେ।
















# ଚିତ୍ର ମୋ ଦୁନିଆଁ, ଚିତ୍ର ମୋ ଜୀବନ


**ଗାଁର ପ୍ରାକୃତିକ ପରିବେଶ, ଗାଇ ଚରେଇବା ଦୃଶ୍ୟ, ପାହାଡ଼, ଜଙ୍ଗଲକୁ ଦେଖି ଚିତ୍ର ଆଙ୍କୁଥିଲି ; ଯାହାକୁ ମୋର ସାଙ୍ଗମାନେ ଖୁବ୍ ପ୍ରଶଂସା କରୁଥିଲେ । ଏହାହିଁ ମୋତେ ପରବର୍ତ୍ତୀ ସମୟରେ ଚିତ୍ରକଳାର ଦୁନିଆକୁ ନେଇଗଲା ...**

ସମାଜର ବିଭିନ୍ନ ଚଳନ୍ତି ଘଟଣାକୁ ଆଧାର କରି ସେ ଆଙ୍କନ୍ତି ସୁନ୍ଦର ସୁନ୍ଦର ଚିତ୍ର ; ଯାହାକୁ ପରବର୍ତ୍ତୀ ସମୟରେ ଚିତ୍ରକଳା ପ୍ରଦର୍ଶନୀରେ ସ୍ଥାନ ଦେଇଥାନ୍ତି । ତେବେ ତାଙ୍କର ବିଭିନ୍ନ ଚିତ୍ର ମଧ୍ୟରେ ପ୍ରକୃତି ଏକ ସ୍ୱତନ୍ତ୍ର ସ୍ଥାନ ନେଇଥାଏ । ପ୍ରାକୃତିକ ପରିବେଶ ସୁରକ୍ଷା ଦିଗରେ ସେ ଚିତ୍ର ମାଧ୍ୟମରେ ପ୍ରୟାସ କରିଥାନ୍ତି । ଏହାଛଡ଼ା ସେ ବିଭିନ୍ନ ପୌରାଣିକ ବିଷୟବସ୍ତୁକୁ ନେଇ ମଧ୍ୟ ଚିତ୍ର କରିଥାନ୍ତି । ସେ ହେଲେ ଶିଳ୍ପୀ **ଜ୍ୟୋତିର୍ମୟ ପଟ୍ଟନାୟକ** । ଜନ୍ମ ୧୯୮୩ ମସିହାରେ । ମା' ବିଷ୍ଣୁଦେବୀ ପଟ୍ଟନାୟକ ଓ ପିତା ପ୍ରମୋଦ କୁମାର ପଟ୍ଟନାୟକ ; ଯିଏକି ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ । ଜ୍ୟୋତିର୍ମୟ କୁହନ୍ତି, ଆମ ଘର ଗଞ୍ଜାମ ଜିଲା ବୁଗୁଡ଼ା ଅଞ୍ଚଳର କାଞ୍ଚିଆପଲ୍ଲୀରେ ହୋଇଥିଲେ ବି ମୋର ଜନ୍ମ କଲିକତାରେ । ସେତେବେଳେ ମୋ ଜେଜେବାପା ବାଞ୍ଛାନିଧି ପଟ୍ଟନାୟକ କାଠର ବିଭିନ୍ନ ଖେଳନା ତିଆରି କରୁଥିଲେ ; ଯାହାକୁ ଦେଖି ପିଲାଦିନୁ ମୋର ଚିତ୍ର ଆଙ୍କିବା, ମାଟିରେ ଗଣେଶ ମୂର୍ତ୍ତି ଗଢ଼ିବା ଓ ବାଉଁଶରେ ବଂଶୀ ତିଆରି କରିବାର ଅଭ୍ୟାସ ହୋଇଗଲା । ବଂଶୀ ବଜାଇବାକୁ ବି ଭଲ ଲାଗୁଥିଲା । ମୋର ପ୍ରାରମ୍ଭିକ ଶିକ୍ଷା କାଞ୍ଚିଆପଲ୍ଲୀ ଗାଁ ସ୍କୁଲରେ ହୋଇଥିଲା । ପରେ ପିପୁଲ୍ସ ହାଇସ୍କୁଲ, ବୁଗୁଡ଼ା ଏବଂ ଯୁଧିଷ୍ଠିର ବିଦ୍ୟାପୀଠ ଜଗନ୍ନାଥ ପ୍ରସାଦରେ ପାଠ ପଢ଼ିଥିଲି । ସେହି ସମୟରେ ଗାଁର ପ୍ରାକୃତିକ ପରିବେଶ, ଗାଇ ଚରେଇବା ଦୃଶ୍ୟ, ପାହାଡ଼, ଜଙ୍ଗଲ, ବିଭିନ୍ନ ଜୀବଜନ୍ତୁଙ୍କ ଚିତ୍ର ଆଙ୍କୁଥିଲି । ଆଙ୍କିଥିବା ଚିତ୍ରକୁ ମୋର ସାଙ୍ଗମାନେ ଦେଖି ମୋତେ ବହୁ ପ୍ରଶଂସା କରୁଥିଲେ ; ଯାହା ମୋତେ ଚିତ୍ରକଳା ପ୍ରତି ଆଗ୍ରହି କଲା । ସେଇଠୁ କିପରି ଆର୍ଟ କଲେଜରେ ପାଠ ପଢ଼ିବି ମନ ବଳାଇଥିଲି । ଯେତେବେଳେ ଧଉଳି କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସରେ ଯୋଗଦେଲି ସେତେବେଳେ ଜୀବନରେ ଏକ ନୂଆ ଯାତ୍ରା ଆରମ୍ଭ ହୋଇଥିଲା । ୨୦୦୧ରୁ ୨୦୦୫ ପର୍ଯ୍ୟନ୍ତ ଧଉଳି କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ୍‌ରେ ପାଠ ପଢିଲି । ସମୟକ୍ରମେ ତୈଳଚିତ୍ର, ଜଳରଙ୍ଗ ଆଦି କ୍ଷେତ୍ରରେ ଅନେକ ଚିତ୍ର ଅଙ୍କନ କରିଥିଲି । ଏ ଭିତରେ ବ୍ୟାଚଲର୍ ଅଫ୍ ଫାଇନ୍ ଆର୍ଟ ସରିଗଲା । ତା'ପରେ ୨୦୦୫ ମସିହାରେ ହାଇଦ୍ରାବାଦ ଗଲି । ଏଠାରେ ବହୁ ଭାରତୀୟ ଆଧୁନିକ ଶିଳ୍ପୀ, କଳାକାରମାନଙ୍କ ସହ ଭେଟ ହେଲା । ସେମାନଙ୍କ ସହ ମିଶି ବିଭିନ୍ନ ଆର୍ଟ ଗ୍ୟାଲେରି ଓ ସଂଗ୍ରହାଳୟକୁ ଯାଇ ଅନେକ କିଛି କଳାକୃତି ଦେଖିଲି । କଳା କାରିଗରି ବିଷୟରେ କେତେକ ବହି ପଢ଼ି ଆଧୁନିକ ଚିତ୍ରକଳାକୁ ରୂପ ଦେବାରେ ସକ୍ଷମ ହେଲି । ଗୁରୁ ବଳଦେବ ମହାରଥା, ପ୍ରଦୋଷ ସ୍ୱାଇଁ, ପଞ୍ଚାନନ ସାମଲ ଏବଂ ସ୍ଥିତଧୀ ରଥ ସାର୍‌ଙ୍କ ପରାମର୍ଶ ଆଗକୁ ଯିବାରେ ମୋତେ ପ୍ରେରଣା ଦେଲା । ଚିତ୍ରକଳାରେ ମୋର ପ୍ରଥମ ସିରିଜ୍ ଭାବେ ଭାରତୀୟ କ୍ରମଃବିକାଶ, ତା'ପରେ ତେଲଙ୍ଗାନାର ସଂସ୍କୃତି ଏବଂ ତୃତୀୟରେ ବିଶ୍ୱ ମାନବ ସମାଜ ଓ ତା'ର କ୍ରିୟାକଳାପ ଆଦି ବିଷୟରେ ଚିତ୍ର ଅଙ୍କନ କରିଛି । ଏଯାଏ ପ୍ରାୟ ୧,୫୦୦ରୁ ୨,୦୦୦ ତୈଳଚିତ୍ର ,ଆକ୍ରାଲିକ ଚିତ୍ର ଜଳରଂଗରେ ତିଆରି କରିପାରିଛି ଏବଂ ବିଭିନ୍ନ ସମୟରେ ନାନା ଘଟଣାକୁ ନେଇ ଲୋକଙ୍କ ଭାବଭଙ୍ଗୀ ଆଦି ଦେଖି ପ୍ରାୟ ୮୦,୦୦୦ରୁ ୧,୦୦,୦୦୦ ମଧ୍ୟରେ ଜୀବନ୍ତ ମଡେଲଙ୍କୁ ପେନ୍‌ସିଲ ପୋର୍ଟ୍ରେଟ୍ କରିପାରିଛି । ଏଥିସହ ପେଣ୍ଟିଂ ପ୍ରତିଯୋଗିତାରେ ମୁମ୍ବାଇରେ ଗ୍ରୁପ୍ ଶୋ'ରେ ଭାଗନେଇ ପୁରସ୍କୃତ ହୋଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଷୟରେ ମାଦଳାପାଞ୍ଜି, ପୁରୁଣା ତାଳପତ୍ର ପୋଥି, ପୁସ୍ତକ, ପୁରାଣ ଶାସ୍ତ୍ରର କାହାଣୀ ଆଦି ବିଷୟକୁ ଚିତ୍ରରେ ରୂପ ଦେବାର ପ୍ରୟାସ କରିଥାଏ । ଶ୍ରୀଜଗନ୍ନାଥଙ୍କ ଲୀଳାର କେତେକ ବିଷୟକୁ ନେଇ ଚିଲିକାର କାଙ୍କଣ ଶିଖରୀଠାରେ ଗୁପ୍ତବ୍ରହ୍ମ, ସୁବର୍ଣ୍ଣପୁରରେ ପାତାଳି ବ୍ରହ୍ମ ଆଦି ଚିତ୍ର ଅଙ୍କନ କରିଥିଲି । ସେହିପରି କଣ୍ଟିଲୋରେ ନୀଳବ୍ରହ୍ମ, ଭୁବନେଶ୍ୱର ଶକୁନ୍ତଳା ଗ୍ୟାଲେରି ଜାତୀୟ ଆର୍ଟ ଶିବିରରେ, ପୁରୀଠାରେ ଆୟୋଜିତ ଜାତୀୟସ୍ତର ଶିବିରରେ ବ୍ରହ୍ମଦାରୁ, ଚିଲିକା ଗଞ୍ଜାମଠାରେ ଆୟୋଜିତ ଜାତୀୟ ଆର୍ଟ କ୍ୟାମ୍ପ୍‌ରେ ନୀଳାମ୍ବୁ, ଗୋପାଳପୁରଠାରେ ମହୋଦଧି, ପୁଣି ବୁଦ୍ଧଖୋଲ ଠାରେ ହୋଇଥିବା ଚିତ୍ରକଳା ପ୍ରଦର୍ଶନୀରେ ଅରଣ୍ୟ ଆଦି ଚିତ୍ରକଳା ପ୍ରଦର୍ଶନ କରି ବହୁ ସଫଳତା ମିଳିଛି । ଓଡ଼ିଶା ଲଳିତକଳା ଏକାଡେମୀ ଏବଂ ଖଜୁରାହୋ ଆର୍ଟ ଫେଷ୍ଟିଭାଲରେ ସମ୍ମାନିତ ହୋଇଛି । ତେଲଙ୍ଗାନା ରାଜ୍ୟସ୍ତରୀୟ ଆୱାର୍ଡ ଏବଂ ବଥୁକମା ଆୱାର୍ଡ ସହ ଅନେକ ସମ୍ମାନ ପାଇଛି । ୨୦୨୪ରେ ହାଇଦ୍ରାବାଦର ରାଜ୍ୟ କଳା ଗ୍ୟାଲେରିରେ ଅଖିଳ ଭାରତୀୟ କଳା ପ୍ରତିଯୋଗିତାରେ ଭାଗନେଇ ସମ୍ମାନିତ ହୋଇଛି । ଓଡ଼ିଶା ଧଉଳି ଆର୍ଟ ଫେଷ୍ଟିଭାଲ, ବିଜୁ ପଟ୍ଟନାୟକ ଜୟନ୍ତୀ ଉତ୍ସବ, ଲଳିତକଳା ଏକାଡେମୀ କେରଳାଠାରେ ଯୋଗଦେଇ ବିଭିନ୍ନ ଚିତ୍ରକଳା ପ୍ରଦର୍ଶନ କରିପାରିଛି । ଏବେ ଏକ ନୂତନ ଚିତ୍ରାଙ୍କନ ପୁସ୍ତକ ପ୍ରସ୍ତୁତ କରିଛି ; ଯାହା କଳାକାର, କଳାପ୍ରେମୀ ଏବଂ ଭିଜୁଆଲ ଆର୍ଟ ଛାତ୍ରମାନଙ୍କ ପାଇଁ ମୂଲ୍ୟବାନ୍ ହେବ । ଅନ୍ୟପକ୍ଷେ ଗଞ୍ଜାମର ବୁଗୁଡ଼ା ବିରଞ୍ଚି ନାରାୟଣ ମନ୍ଦିରର ଅପୂର୍ବ କାରୁକାର୍ଯ୍ୟ ମୋତେ ପ୍ରେରଣା ଦେଇଛି । ନୂଆ ପ୍ରକଳ୍ପ କାନ୍‌ଭାସ ଉପରେ ହେରିଟେଜ୍ ବୁଗୁଡ଼ା ବିରଞ୍ଚି ନାରାୟଣ ମନ୍ଦିରର ଭିତ୍ତିଚିତ୍ର ପୁନଃସଂରକ୍ଷଣ ଓ ପୁନଃନିର୍ମାଣ କରିବାକୁ ଉଦ୍ୟମ କରୁଛି । ଏପରି କଳାକୁ ସୁରକ୍ଷିତ ପାଇଁ ଆବଶ୍ୟକ ପଦକ୍ଷେପ ନିମନ୍ତେ କଳାପ୍ରେମୀ ଦର୍ଶକଙ୍କ ମନରେ କିପରି ଅଧିକ ଆଗ୍ରହ ସୃଷ୍ଟି ହୋଇପାରିବ ସେନେଇ ସଚେତନ କରାଉଛି । ସର୍ବଦା ଆନାଟୋମି ଏବଂ ଚିତ୍ରାଙ୍କନ ସମ୍ପର୍କିତ ପୁସ୍ତକ ଅଧ୍ୟୟନ କରିଥାଏ । ମୋର ଲକ୍ଷ୍ୟ ବିଭିନ୍ନ ଚିତ୍ର ଶୈଳୀକୁ ଅନୁସନ୍ଧାନ କରିବା । ସତ କହିବାକୁ ଗଲେ, ଚିତ୍ର ହେଉଛି ମୋ ଦୁନିଆ ଆଉ ମୋ ଜୀବନର ଖୁସି ; ଏହାରି ଭିତରେ ମୁଁ ଆତ୍ମସନ୍ତୋଷ ପାଏ ।

*–ବନବିହାରୀ ବେହେରା*











# ନିଜଠୁ ନିଜର

– ପ୍ରିୟନାଥ ପାଣି

ତୁ ପାପୁଲିଏ ଦୟାର୍ଦ୍ର ଉଚ୍ଛ୍ୱାସ
ଗଣ୍ଡିଲିଏ ନିରଳ ବିଶ୍ୱାସ
ଅସରା ଅସରା ଅନୁଭବ
ଭଗ୍ନ ଜୀବନପାତ୍ରେ ମୋ
ବିନ୍ଦୁଏ ପୀୟୂଷ ।
ଦଳ ଦଳ ମାନବୀ ଭିତରେ ତୁ
ଶାପଗ୍ରସ୍ତା ଅପ୍ସରୀଟେ ଆକାଶୁ ବିଚ୍ୟୁତ
ମହକି ମହକି ଯାଉ
ଅଯାଚିତେ ସିଞ୍ଚି ଦେଉ ସୁଗନ୍ଧ ସୁବାସ ।
କୋଳରେ ସ୍ଥାପିତ ତୋର
ଅମୃତ କଳସ
ଯେ କଳସୁ ଝରେ ଖାଲି
ସରସର ଆତ୍ମୀୟତା
ଅନନ୍ତ ଅଶେଷ ।
ତୁ କୋଉ ବୁଝିବୁ ଯେ,
ତୋ ଭିତରେ ମୁଁ ଦେଖିଛି
ସୁଶୀତଳ ନିର୍ଜନ ନିବାସ
ଦଣ୍ଡେ ମୁଣ୍ଡ ଗୁଞ୍ଜିଦେଲେ
ମିଳେ କେତେ ଆନନ୍ଦ ଆଶ୍ୱାସ ।
ନିଜଠୁ ବି ନିଜର ତୁ
ମୁଁ ବୋଧେ ବାଚାଳ
ମୋ ଭାବନା ମୋ ସମୟ
ତୋ ପୟରେ ନତ
ସ୍ଥିତପ୍ରଜ୍ଞ ତାଲିକାରୁ ନିଶ୍ଚିହ୍ନ ମୁଁ
ମୋକ୍ଷ କି ଅମୋକ୍ଷ ହେବି
ପାରିଲେ ପାରିବ କହି
ତୋ ଉନ୍ମତ୍ତ ଓଠରେ ଲେସା
ମଧୁଝରା ହସ ।
ତୋ ନାଆଁରେ ଲେଖା ମୋର ସମଗ୍ର ଆୟୁଷ
ତୁ ମୋ ଅନ୍ତିମ ଶୋଷ
ସନ୍ଦେହର ନାହିଁ ତିଳେ ଲେଶ ।

**

– କଦଳିଆ, ବୈଶିଙ୍ଗା, ମୟୂରଭଞ୍ଜ
ମୋ: ୯୯୩୭୧୨୫୧୫୧





# କୁହୁଡ଼ି ଘର

– ଲକ୍ଷ୍ମଣ କୁମାର

ଏମିତି ଗୋଟେ ସ୍ୱପ୍ନ ମୋତେ କମ୍ ଅଭିଭୂତ କରିନାହିଁ । ଗୋଟେ ଘର । ଚାରିକଡ଼େ ଥିବ ବିସ୍ତୀର୍ଣ୍ଣ ଫୁଲର ଉପତ୍ୟକା । ଝର୍କା ଖୋଲିଲେ ପଶିଆସୁଥିବ ମୃଦୁ କିରଣ, କେବେ କୋମଳ ସୂର୍ଯ୍ୟର, କେବେ ସୁକୁମାର ଜହ୍ନର । ଅଦୂରରେ ବହିଯାଉଥିବ ନଦୀଟିଏ ମଧୁର ଗୀତର ସୁର ହୋଇ ।

ସେ ଘରଟି ମୋର ହୋଇଥିବ । ମୁଁ ଥିବି । ସେ ଥିବ । ତା'ର ପଦ୍ମଝରା ଓଠ, ହରିଣୀ ଆଖି, କୋଇଲିର କୁହୁ ପରି ସ୍ୱର ମୋତେ ପାଗଳ କରିଦେବା ପାଇଁ ଯଥେଷ୍ଟ ଥିବ । ସେ ମୋ ପାଇଁ ଭାତ ରାନ୍ଧୁଥିବ । କଲରା ଭଜା, ଶାଗ ଓ କାନ୍ଦୁଲ ଡାଲି । ମୋତେ ସ୍ୱର୍ଗ ପରି ଲାଗୁଥିବ । ସେ ଈଷତ୍ ଗୋଲାପି ରଙ୍ଗର ଶାଢ଼ିଟିଏ ପିନ୍ଧିଥିବ । ତା'ର ଓଢ଼ଣି ଉଡୁଥିବ ପବନରେ । ଦୂରନ୍ତ ଦିଗବଳୟ ଲାଲ ଦିଶୁଥିବ ତା'ର ମଥାର ସିନ୍ଦୂର ବିନ୍ଦୁର ପ୍ରତିଫଳନରେ । ସେ ଭୋର ପରି ପବିତ୍ର ଲାଗୁଥିବ । ଆଉ ମୁଁ ଈଶ୍ୱରଙ୍କୁ ମାଗୁଥିବି ଲକ୍ଷେ ଜନ୍ମର ଭୋର ।

ମୁଁ ତାକୁ ଡାକିବା ମାତ୍ରେ ହିଁ ସେ ତରତର ହୋଇ ଗୋଲାପି ମୁଦ୍ରାରେ ଧାଇଁ ଆସୁଥିବ । ଯେମିତି ମଧୁର ଝରଣାଟିଏ । ତା' ପାଉଁଜିର ରୁଣୁଝୁଣୁ, ଚୁଡ଼ିର ନିକ୍ୱଣ ଓ ତା'ର ନିର୍ଝରିତ ସ୍ୱର ମୋତେ ଯେମିତି ଯୁଗ ଯୁଗ ପାଇଁ ପଥର କରିଦେଉଥିବ ଓ ମୋର ପଥର ଦେହରେ ସେ ଝରିଯାଉଥିବ ଝରଣା ହୋଇ ।

– ମୋତେ ଡାକିଲ ! ସେ କହିବ । ଏତେ ମଧୁର ତା'ର ସ୍ୱର । ମୁଁ କଳନା କରିବାକୁ ଚେଷ୍ଟା କରୁଥିବି ସେ ସ୍ୱରର ମାଦକତା ।

କୌଣସି କୌଣସି ସୁନେଲି ସକାଳରେ ହାତରେ ଗୋଟେ କପ୍ ଚା' ଧରି ସେ ଆସୁଥିବ ଅଗଣାକୁ, ଯେଉଁଠି ଗୋଟେ ଚେୟାରରେ ମୁଁ ବସିଥିବି । ପବନରେ ଅସ୍ତବ୍ୟସ୍ତ ତା'ର ଅଳରା କେଶକୁ ସେ ସଜାଡ଼ି ନେବ ତା'ର ଚମ୍ପାକଢି ଅଙ୍ଗୁଳିରେ ଓ କହିବ – ଏଇ ଚା' ନିଅ । ଥଣ୍ଡା ହୋଇଯିବ । ମୁଁ ତା ହାତରୁ ଚାହା ନେବି । ଅଳସୀ ଆଖିରେ ତା'ର ଅଦ୍ଭୁତ ସ୍ୱପ୍ନର ଢେଉ ।

– କ'ଣ ଚାହିଁଚ ଏତେ ? ସେ ପଚାରିବ ।

– କ'ଣ ଆଉ ଚାହିଁବି । ତୁମକୁ ହିଁ ଦେଖୁଛି ।

ସେ ଅଳ୍ପ ହସି ପଚାରିବ ଗୋଟେ ମାର୍ମିକ ପ୍ରଶ୍ନ ।

– ଏଇ ପ୍ରଜାପତି ସବୁ ଏତେ ନିଶବ୍ଦ କେମିତି ? ସେତେବେଳେ ପ୍ରଜାପତି ସବୁ ନିଶବ୍ଦରେ ଉଡ଼ି ବୁଲୁଥିବେ ଫୁଲମାନଙ୍କ ଉପରେ ।

– ଫୁଲମାନେ ବି ତ ନିଶବ୍ଦ । ମୁଁ ଉତ୍ତର ଦେବି । ଫୁଲମାନଙ୍କ ନିଶବ୍ଦ ଆଳାପ କେତେ ସୂକ୍ଷ୍ମ ଓ ସୁମଧୁର ନୁହେଁ !

– ଏଇ ନୀରବତା ଆମର ଶିଖିବା କାମ୍ୟ । ସେ କହିବ ।

ମୋର ମନେ ହୁଏ କି ସେ ନୀରବତା ସେ ଶିଖି ଯାଇଛି କେବେଠୁ । ଆଜି କେତେ ବର୍ଷ ପରେ ମୁଁ ଦେଖୁଛି କୁହୁଡ଼ି ଭିତରେ ଅସ୍ପଷ୍ଟ ସେ ଘର, ସେ ଫୁଲର ଉପତ୍ୟକା । ପବନରେ ପହଁରି ଆସୁଛି ତା' ସ୍ୱର ଓ ତା'ର ନୀଳକଇଁ ଆଖିର କାକର ।

–ଏଇ, ଭୋର ହେଲାଣି ଯେ । ସେ କହୁଛି ।

– ବ୍ୟସ୍ତ କାହିଁ ? ଏଇ ତ ଗୋଟିଏ ଜନ୍ମର ଭୋର । ମୁଁ ମାଗିଛି ଲକ୍ଷେ ଜନ୍ମର ଭୋର !!

– ଦିଗ୍‌ବଳୟ, ଲେଣ୍ଡା, ବରପାଲି,
ବରଗଡ଼, ମୋ: ୯୪୩୯୦୪୦୯୩୭

# ମନୋବଳ

–ଶର୍ମିଷ୍ଠା ମହାନ୍ତି

ମସ୍ତକରେ ପଡୁ ପଛେ
ସହସ୍ର ବଜ୍ରଧାରା ।
ପାଦତଳୁ ନେଇଯାଅ ପଛେ
ବସୁଧା ସାହାରା ।
ପାଟିରୁ ମୋ କଥା କହିବାର ଶକ୍ତି
ନେଇ
ଫିଙ୍ଗିଦିଅ ଅଜଣା ରାଇଜେ ।
ମନକୁ ମୋ ପଙ୍ଗୁକରି ନେଇଯାଅ
ପଛେ ତରଙ୍ଗେ ଭସାଇ ।
ତଥାପି ମୁଁ ନିଶ୍ଚୟ ବଞ୍ଚିବି,
ସହି ସବୁ ଯନ୍ତ୍ରଣାର ଧାରା
ଭାଙ୍ଗିବିନି ଦେଖି କେବେ
ଅନ୍ଧାରି ମୁଲକ ।
ଜୀବନକୁ ନୂଆକରି ଗଢ଼ିବାର
ବାରମ୍ବାର ମୁଁ
କରିବି ପ୍ରୟାସ ।
କାରଣ ......
ଖୋଜିବାକୁ ଈଶ୍ୱରୀୟ ସତ୍ତା
ଯାହା ସମାହିତ ।

– ପିପିଏଲ୍ ଟାଉନ୍‌ଶିପ୍, ପାରାଦ୍ୱୀପ,
ଜଗତସିଂହପୁର,
ମୋ: ୭୮୯୪୬୫୦୨୮୦



# ଅନୁତାପ କରୁଛନ୍ତି ରାଣୀ


ରାଣୀ

ରାଣୀ ମୁଖାର୍ଜୀ ଏବେ ଅନୁତାପ କରୁଛନ୍ତି। ସେତେବେଳେ ଯଦି ସେ ରାଜି ହୋଇଥାଆନ୍ତେ ତେବେ ହୁଏତ ଆଉ ଦୁଇଟି ହିଟ୍ ସିନେମା ତାଙ୍କ କ୍ୟାରିୟରରେ ଯୋଡି ହୋଇଥାଆନ୍ତା। ବୋଧହୁଏ ସେତେବେଳେ ଭାଗ୍ୟଦେବୀ ତାଙ୍କ ଉପରେ ପ୍ରସନ୍ନ ନ ଥିଲେ। କଥା କ'ଣ କି ସଞ୍ଜୟ ଲୀଲା ଭଁସାଲୀଙ୍କ 'ବ୍ଲାକ୍'ରେ ରାଣୀ ଜଣେ ଦୃଷ୍ଟିବାଧିତ ଓ ମୂକବଧିର ମହିଳା ଚରିତ୍ରରେ ଅଭିନୟ କରିଥିଲେ। ସେତେବେଳେ ତାଙ୍କର ଏହି ଅଭିନୟକୁ ଭୁରି ଭୁରି ପ୍ରଶଂସା କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ନିର୍ଦ୍ଦେଶକ 'ସାୱରିୟା' ଟାଇଟଲବିଶିଷ୍ଟ ଏକ ଫିଲ୍ମ ନିର୍ମାଣ କଲେ। ଏହାର ନାୟିକା ଭାବରେ ସେ ରାଣୀଙ୍କୁ ନେବାକୁ ଚାହୁଁଥିଲେ। କିନ୍ତୁ କେତେକ କାରଣରୁ ରାଣୀ ଏହି ଅଫରଟିକୁ ପ୍ରତ୍ୟାଖାନ କରିଥିଲେ। ଏହାପରେ ନବାଗତା ସୋନମ କପୁରଙ୍କୁ ଉକ୍ତ ଭୂମିକା ପାଇଁ ସାଇନ୍ କରାଯାଇଥିଲା। କେବଳ ସେତିକି ନୁହେଁ, ଯେତେବେଳେ ସଞ୍ଜୟ 'ମେରିକମ୍' ନିର୍ମାଣ କଲେ ସେତେବେଳେ ବି ଏହାର ଟାଇଟଲ ଭୂମିକାରେ ଆକ୍ଟିଂ କରିବାକୁ ରାଣୀଙ୍କୁ ଅଫର ଦେଇଥିଲେ। ହେଲେ ସେ ଏଥିରେ ମଧ୍ୟ ଅଭିନୟ କରିବାକୁ ମନା କରିଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ସୁଯୋଗ ପ୍ରିୟଙ୍କା ଚୋପ୍ରାଙ୍କୁ ମିଳିଥିଲା ଏବଂ ଫିଲ୍ମଟି ମଧ୍ୟ ଦର୍ଶକାଦୃତ ହୋଇଥିଲା। ସେଥିପାଇଁ ରାଣୀଙ୍କ ମନ ବେଳେବେଳେ କଷ୍ଟ ହୁଏ। ରାଣୀଙ୍କୁ ବଡ ପରଦାରେ ପ୍ରଥମେ ବଙ୍ଗଳା ଫିଲ୍ମ 'ବିୟେର ଫୁଲ୍'ରେ ସୁଯୋଗ ମିଳିଥିଲା। ତାଙ୍କ ପ୍ରଥମ ହିନ୍ଦୀ ଫିଲ୍ମ ଥିଲା 'ରାଜା କି ଆୟେଗି ବାରାତ୍'। କିନ୍ତୁ 'ଗୁଲାମ୍' ଫିଲ୍ମ ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ଆଣିଥିଲା।

## ଶିଶୁ କଳାକାରରୁ ଆରମ୍ଭ


ଥାଲାପତି ବିଜୟ

ଦକ୍ଷିଣ ଭାରତୀୟ ସିନେମାରେ ଥାଲାପତି ବିଜୟ ଜଣେ ବେଶ୍ ଲୋକପ୍ରିୟ ଅଭିନେତା। ଏକ କଳାକାର ପରିବାରେ ତାଙ୍କର ଜନ୍ମ। ବାପା ଏସ.ଏ. ଚନ୍ଦ୍ରଶେଖର ଜଣେ ପ୍ରଯୋଜକ। ବିଜୟଙ୍କ ବଡ ପରଦା କ୍ୟାରିୟର କେତେବେଳେ ଆରମ୍ଭ ହୋଇଥିଲା ଜାଣନ୍ତି ? ଯେତେବେଳେ ତାଙ୍କୁ ମାତ୍ର ୧୦ ବର୍ଷ ବୟସ ହୋଇଥିଲା। ୧୯୮୪ରେ ନିର୍ମିତ ତାମିଲ ଫିଲ୍ମ 'ଭେଟ୍ରି'ରେ ସେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ। ତେବେ ସେ ସୋଲୋ ନାୟକ ସାଜିବା ପଛରେ ଏକ ରୋଚକ କଥା ଲୁଚି ରହିଛି। ଏକଦା ସେ ତାଙ୍କ ବାପାଙ୍କୁ କହିଲେ ଯେ, 'ମୁଁ ହୀରୋ ହେବି'। ଏହି କଥାକୁ ଚନ୍ଦ୍ରଶେଖର କିଛି ସମୟ ଚିନ୍ତା କରିବା ପରେ ଉତ୍ତର ଦେଇଥିଲେ, 'ଠିକ୍ ଅଛି, ମୋ ଆଗାମୀ ଫିଲ୍ମରେ ତୁ ନାୟକ ସାଜିବୁ।' ହୋମ ବ୍ୟାନରରେ ନିର୍ମିତ 'ନାଲିୟା ଥେର୍‌ପୁ' ଥିଲା ବିଜୟଙ୍କ ଅଭିନୀତ ପ୍ରଥମ ତାମିଲ ସିନେମା। ସେତେବେଳେ ତାଙ୍କୁ ହୋଇଥିଲା ମାତ୍ର ୧୮ ବର୍ଷ ବୟସ।

## କବିତା ପ୍ରିୟ ଜାହ୍ନବୀ


ଜାହ୍ନବୀ

ଜାହ୍ନବୀ କପୁରଙ୍କର ପିଲାଟି ଦିନରୁ ଏକ ଭଲ ଅଭ୍ୟାସ ଅଛି। ସମୟ ମିଳିଲେ ସେ କବିତା ଲେଖିବାକୁ ବସି ଯାଆନ୍ତି। ତାଙ୍କର ଏହି ଅଭ୍ୟାସ ଏବେ ମଧ୍ୟ ରହିଛି। ତାଙ୍କର ଡେବ୍ୟୁ ଫିଲ୍ମ 'ଧଡକ୍'ର ପ୍ରମୋଶନ ସମୟରେ ସେ ଷ୍ଟେଜ୍ ଉପରେ ବସି ଫିଲ୍ମ ବିଷୟରେ କେଇ ଧାଡି କବିତା ଲେଖିଥିଲେ। ଆଉ ଯେତେବେଳେ ସେ ତାହାକୁ ପାଠ କଲେ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷ ତାଙ୍କୁ ପ୍ରଶଂସା ନ କରି ରହି ପାରି ନ ଥିଲେ। ହେଲେ ସେ କବିତା ଲେଖିବା ପଛରେ କାହାର ପ୍ରେରଣା ରହିଥିଲା ଜାଣନ୍ତି ? ତାଙ୍କ ମା' ଶ୍ରୀଦେବୀଙ୍କର। ପିଲାଦିନେ ଜାହ୍ନବୀଙ୍କର ଏଭଳି ଅଭ୍ୟାସକୁ ସେ ପ୍ରଶଂସା କରିବା ସହ ପ୍ରୋତ୍ସାହିତ ମଧ୍ୟ କରିଥିଲେ। କେବଳ ସେତିକି ନୁହେଁ, କଥକ ନୃତ୍ୟ ପ୍ରତି ଜାହ୍ନବୀଙ୍କର ବେଶ୍ ଆଗ୍ରହ ରହିଛି। ତାଙ୍କ ପ୍ରଥମ ଫିଲ୍ମର ଶୁଟିଂ ଆରମ୍ଭ ହେବାର କେଇ ମାସ ପୂର୍ବରୁ ସେ ଏହି ପାରମ୍ପରିକ ନୃତ୍ୟ ଶିଖିବା ଆରମ୍ଭ କରିଥିଲେ। ଏବେ କିନ୍ତୁ ସମୟ ଅଭାବରୁ ସେ କେତେବେଳେ କେମିତି ଅଭ୍ୟାସ କରୁଛନ୍ତି।

## 'ଆଶିକୀ-୨' ହିଟ୍ ହୋଇ ନ ଥିଲେ..


ଶ୍ରଦ୍ଧା

ବେଳେବେଳେ ମଣିଷ ଯାହା ଆଶା କରୁଥାଏ, ହଠାତ୍ ତାହା ପୂରଣ ହୋଇଯାଏ। ଶକ୍ତି ତନୟା ଶ୍ରଦ୍ଧା କପୁର ନିକଟରେ ତାଙ୍କ କ୍ୟାରିୟର ପ୍ରାରମ୍ଭରେ ହୋଇଥିବା ସେମିତି କିଛି ଘଟଣା ବିଷୟରେ ସୂଚନା ଦେଇଥିଲେ। ଶ୍ରଦ୍ଧାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ତିନ ପତି'। ଏହାର ପରେ ସେ 'ଲଭ୍ କା ଦ ଏଣ୍ଡ' ଏବଂ 'ଆଶିକୀ-୨'ରେ ଅଭିନୟ କରିଥିଲେ। 'ଆଶିକୀ-୨' ସୁପରହିଟ୍ ହେବା ସହ ସେ ରାତାରାତି ନାୟିକା ଦୌଡରେ ସାମିଲ ହୋଇଯାଇଥିଲେ। ଏ ନେଇ ଶ୍ରଦ୍ଧା କହନ୍ତି, ''ମହେଶ ଭଟ୍ଟଙ୍କ 'ଆଶିକୀ-୨' ମୋ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାଜିଥିଲା। ମାତ୍ର ୧୮କୋଟି ବଜେଟ୍‌ରେ ପ୍ରସ୍ତୁତ ଏହି ଫିଲ୍ମଟି ବକ୍ସ ଅଫିସରେ ପ୍ରାୟ ୧୦୮ କୋଟି ଆୟ କରି ସୁପରହିଟ୍ ହୋଇଥିଲା। ଏହାପରେ ବଲିଉଡ୍‌ରେ ମୋ ଭାଗ୍ୟ ଫିଟି ଯାଇଥିଲା କହିଲେ ଆଦୌ ଭୁଲ ହେବ ନାହିଁ। ଏଥିପାଇଁ ମୁଁ ମହେଶ ଅଙ୍କଲ୍‌ଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ।'' ବର୍ତ୍ତମାନ ଶ୍ରଦ୍ଧା ବଲିଉଡ୍‌ରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। କାରଣ ସେ ଅଭିନୟ କରିଥିବା 'ସ୍ତ୍ରୀ-୨' ବ୍ଲକ୍ ବଷ୍ଟର ସାବ୍ୟସ୍ତ ହୋଇଛି। ଫିଲ୍ମଟି ଏ ପର୍ଯ୍ୟନ୍ତ ୭୦୦କୋଟିରୁ ଊର୍ଦ୍ଧ୍ୱ ଆୟ କରି ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଛି।

## ମହାକାଳ


'ମହାକାଳ' ଫିଲ୍ମରେ ଦେବ୍-ମୋନାଲି

ଏକାଧାରରେ ସେ ପ୍ରଯୋଜକ ଏବଂ ଅଭିନେତା। ଦେବ୍‌ସ ଏଣ୍ଟରଟେନମେଣ୍ଟ ବ୍ୟାନରରେ ସେ ନିର୍ମାଣ କରିଛନ୍ତି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା ଯାହାର ଟାଇଟଲ ରହିଛି 'ମହାକାଳ'। ଏଥିରେ ସେ ନାୟକ ମଧ୍ୟ ସାଜିଛନ୍ତି। ଏହାପୂର୍ବରୁ ଉକ୍ତ ହୋମ୍ ବ୍ୟାନରରେ ସେ ପ୍ରସ୍ତୁତ କରିଥିଲେ 'ପ୍ରେମ ତୋର ନଟି ନଟି' ଏବଂ ସେଥିରେ ମଧ୍ୟ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ସେ ହେଲେ ଦେବ୍। 'ମହାକାଳ' ଫିଲ୍ମର ମୁଖ୍ୟ ପ୍ରସଙ୍ଗ ହେଲା ଜଙ୍ଗଲପୋଡି। ଏଥିରେ ପରିବେଶ ସୁରକ୍ଷା ବାର୍ତ୍ତା ବ୍ୟତୀତ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡି ଏବଂ ଆକ୍ସନ ଭରି ରହିଛି। କେବଳ ସେତିକି ନୁହେଁ, ଏହାର ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି ଦେବ୍। ଏହି ଚିତ୍ରର କାହାଣୀ ରଚନା କରିଛନ୍ତି ଆଗଧାଡିର କାହାଣୀକାର ଭରଦ୍ୱାଜ ପଣ୍ଡା। ଫିଲ୍ମ ସମ୍ପର୍କରେ ଦେବ୍ କହନ୍ତି, 'ଏହାର କାହାଣୀକୁ ଚୂଡାନ୍ତ ରୂପ ଦେବାକୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଏଥିରୁ ଦର୍ଶକ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଏହାର ମୁଖ୍ୟ ଭୂମିକାରେ ମୁଁ ଅଭିନୟ କରିଛି। ତା' ସହ ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ତୁଲାଉଛି। ଏହି ଦୁଇଟି କଥାକୁ କିପରି ଠିକ୍ ଭାବରେ ନେଇ ଆଣି ଥୋଇ ପାରିବି ସେଥିଲାଗି ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ ମଧ୍ୟ କରିସାରିଛି। ଏହାର ଗୀତଗୁଡିକ ମଧ୍ୟ ବେଶ୍ ଶ୍ରୁତିମଧୁର ହୋଇଛି।' ଫିଲ୍ମଟିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ଗୁଡଲି ରଥ। ଦେବ୍‌ଙ୍କ ବ୍ୟତୀତ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ନବାଗତା ମୋନାଲି, ଅସୀତ ପତି, ବ୍ରଜ ସିଂ, ଡିସ୍କୋ ରେଡ୍ଡି, କମେଡିଆନ ବାପି, ଆର.କେ ଏବଂ ମନ୍ମଥ ମିଶ୍ର ପ୍ରମୁଖ କଳାକାର। ତେବେ ଫିଲ୍ମଟିରେ କି ମସଲା ରହିଛି ତାହା ଜାଣିବାକୁ ଏହାର ରିଲିଜ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।

## ସଞ୍ଜୟଙ୍କ କ୍ୟାମ୍ପରେ ଆଲିୟା


ଆଲିୟା

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ଦେଖୁନାହାନ୍ତି, ଆଲିୟା ଭଟ୍ଟଙ୍କ ହାତରେ କେମିତି ଅଫର ପରେ ଅଫର। ନିକଟରେ ତ ତାଙ୍କ ଅଭିନୀତ 'ଜିଗ୍‌ରା'ର ଟ୍ରେଲର ଲଞ୍ଚ ହୋଇ ଭାଇରାଲ ହୋଇଛି। ସେପଟେ ତାଙ୍କ ହାତରେ ଏବେ ୩-୪ଟି ନୂଆ ପ୍ରୋଜେକ୍ଟ ରହିଛି। ହେଲେ ଗୋଟିଏ ଅଫରକୁ ନେଇ ତାଙ୍କର ଖୁସି କହିଲେ ନ ସରେ। କାରଣ ବଲିଉଡ୍‌ର ନାମୀ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲିଙ୍କ ଆଗାମୀ ଫିଲ୍ମ 'ଲଭ୍ ଆଣ୍ଡ ୱାର୍'ରେ ସେ ନାୟିକା ସାଜିବେ। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଭିନୟ କରିବେ ରଣବୀର କପୁର ଏବଂ ଭିକି କୌଶଲ। ଏଭଳି ଅଫର ବିଷୟରେ ଆଲିୟା କହନ୍ତି, 'ମୁଁ ଯେତେବେଳେ ସଞ୍ଜୟ ଲୀଲା ଭଁସାଲିଙ୍କ ଅଫରଟି ପାଇଲି ସେତେବେଳେ ଏତେ ଖୁସି ହୋଇଯାଇଥିଲି ଯେ, ତାହାକୁ ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ଫିଲ୍ମଟି ନିର୍ମାଣ ହେବାକୁ ଯାଉଛି।' ଏହାବ୍ୟତୀତ ଯଶରାଜ ଫିଲ୍ମସର ଆଗାମୀ ପ୍ରୋଜେକ୍ଟରେ ସେ ଜଣେ ଗୁପ୍ତଚର ଭୂମିକାରେ ଅଭିନୟ କରୁଛନ୍ତି। ତେବେ ଏହି ତିନୋଟି ଫିଲ୍ମ ତାଙ୍କ କ୍ୟାରିୟରକୁ କି ମୋଡ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ଇସାରାରେ ମନ କରିଛି ଚୋରି ଅଭିମାନୀ ପ୍ରିୟା ଭାରି ଚାତୁରୀ

**ପ୍ରଶ୍ନ–**ସେହି ସୁନ୍ଦରୀର ପ୍ରଥମ ଇସାରାରେ ମୋ ମନ ଚୋରି ହୋଇଯାଇଥିଲା । ହେଲେ ଏବେ ସେ ମୋ ଉପରେ ଅଭିମାନ କରିଛି । କ'ଣ କରିବି ?

–ବିଜୟ କୁମାର, କଟକ

**ଉତ୍ତର:** 'ଇସାରାରେ ମନ କରିଛି ଚୋରି, ଅଭିମାନୀ ପ୍ରିୟା ଭାରି ଚାତୁରୀ' । ଅଭିମାନ ହେଉଛି ପ୍ରେମର ଅନ୍ୟତମ ଗହଣା । ବେଳେବେଳେ ଏହି ଅଭିମାନରେ ପ୍ରେମର ଅସଲ ମଜା ଲୁଚି ରହିଥାଏ । ହେଲେ ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ । ପ୍ରିୟାର ଅଭିମାନ ଭସା ବାଦଲ ପରି । ତାହା କେତେବେଳେ ଆସି ପ୍ରେମର ଆକାଶକୁ ଅନ୍ଧକାର କରିଦିଏ ତ ପୁଣି କେତେବେଳେ ରଙ୍ଗୀନ ଆଲୋକରେ ମନରେ ଅସୁମାରୀ ଖୁସିର ଲହରି ଖେଳାଇଦିଏ । ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନସନ ହୁଅନ୍ତୁ ନାହିଁ । ବାସ୍, ତା' ମନର ଭିତିରି କଥାକୁ ବୁଝନ୍ତୁ । ହୁଏତ ଏହି ଅଭିମାନ ନିଶ୍ଚୟ ତା' ଖିଆଲି ମନରେ କ୍ଷଣିକ ପାଇଁ ଆସିଥିବ !

**ପ୍ରଶ୍ନ–**ଲାଜରୁ ପ୍ରେମର ସୃଷ୍ଟି । ମୋତେ ଜଣେ ଝିଅ ଦେଖି ଲାଜ କରୁଛି । ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

–ବିନୋଦ ପ୍ରଧାନ, ଢେଙ୍କାନାଳ

**ଉତ୍ତର:** ସେହି ଝିଅଟି ଆପଣଙ୍କୁ ଦେଖି ଲାଜ କରୁଛି । ତା' ଲାଜରେ ପ୍ରେମ ଅଛି କି ନାହିଁ ଜାଣିପାରୁନାହାନ୍ତି– ବାସ୍, ଏଇଠି ଆପଣଙ୍କର ସବୁ କଥା ଅଟକି ରହିଛି । ଥରେ ଥଣ୍ଡା ମିଜାଜରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ । ସେହି ଚୋରା ଚାହାଣୀରେ ପ୍ରେମର ଅସଲ ମଞ୍ଜି ରହିଛି । ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ । ନ ହେଲେ ପ୍ରେମ ରାଇଜରେ ଘଡିକେ ଘୋଡା ଛୁଟିଥାଏ । ହୁଏତ ଆଜିର ପାଣିପାଗ କାଲି ଯେ ଆପଣଙ୍କୁ ସପୋର୍ଟ କରିବ ଆଉ ଆପଣ ସେ ମନର ମାନସୀ ହୃଦୟରେ ତାଜମହଲଟିଏ ଗଢ଼ିବେ–ଏହି ଆଶା କେବଳ ଆଶା ହୋଇ ରହିଯିବ । ତେଣୁ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ । ଯଦି ସେପଟୁ ଗ୍ରୀନ୍ ସିଗନାଲ ମିଳିଲା ତେବେ ଡେରିକି ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ । ନ ହେଲେ ଚାନ୍ସଟା ହାତରୁ ଖସିଯାଇପାରେ ।

**ପ୍ରଶ୍ନ–**ଏବେ ମୁଁ ଜଣେ ଝିଅ ପ୍ରେମରେ ପଡିଯାଇଛି । ହେଲେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି । କ'ଣ କରିବି ?

–ଅମିତ, ସୁନାବେଡା

**ଉତ୍ତର:** ଯାହାକୁ ପ୍ରଥମେ ନିଜର ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ତାକୁ ଭୁଲିବା ଏତେ ସହଜ ନୁହେଁ । ହେଲେ ଉଲ୍ଲେଖ କରିଛନ୍ତି ଯେ, ଏବେ ଆଉ ଜଣେ ସୁନ୍ଦରୀ ପ୍ରେମରେ ପଡିଯାଇଛନ୍ତି । ଏବେ ଯଦି ନିଜ ପ୍ରଥମ ପ୍ରେମ ବିଷୟରେ ଭାବିବେ ତେବେ ବର୍ତ୍ତମାନର ପ୍ରେମ ସେହି ଅନୁସାରେ ପାଣିଚିଆ ଲାଗିବ । ଯୋ ଗୟା ଉସକୋ ସୋଚ୍‌ନେ ସେ କୋଇ ଫାଇଦା ନେହିଁ । ତେଣୁ ଏବେ କେବଳ ନୂଆ ପ୍ରେମିକା ବିଷୟରେ ଚିନ୍ତା କରନ୍ତୁ ।


**ପ୍ରଶ୍ନ–**ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି । ହେଲେ ସେତେବେଳେ ଜଣେ ଝିଅ ମୋତେ ଏକତରଫା ପ୍ରେମ କରୁଥିଲା । ଆଉ ଏବେ ବାହା ହେବା ପରେ ପୁଣି ଥରେ ସେ ଝିଅ ମୋତେ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି । ମୁଁ କ'ଣ କରିବି କିଛି ଜାଣିପାରୁନାହିଁ ?

–ଅଜିତ ନାୟକ, ରାଉରକେଲା

**ଉତ୍ତର:** ବାହା ହେବା ପରେ ପୁଣି ଥରେ ପ୍ରେମ କାଦୁଅରେ ଗୋଡ ପୁରାଇବା ଅର୍ଥ ଅଯଥା ଟେନସନ୍‌କୁ ହାତ ଠାରି ଡାକିବା । ଯାହାକୁ ପ୍ରେମ କରୁଥିଲେ ତାକୁ ତ ବାହା ହୋଇଛନ୍ତି, ଅର୍ଥାତ୍, ଆପଣ ଜଣେ ସକସେସଫୁଲ ପ୍ରେମିକ । କିନ୍ତୁ ପୁଣି ଥରେ ସେ ଏକତରଫା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ । ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ' ପରି ହେବ ।

ତେଣୁ ସେପରି ପ୍ରେମ ଆଉ ପ୍ରେମିକାଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଠିକ୍ ହେବ । ନ ହେଲେ ନେଡି ଗୁଡ ଯେତେବେଳେ କହୁଣୀକୁ ବୋହି ଯିବ ସେତେବେଳେ ଆପଣଙ୍କ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ ପାଖରେ କେହି ନ ଥିବେ ।

**ସାଥୀ**



## ପ୍ରଥମ ରୋଜଗାର

# ପାଞ୍ଚ ଶହ ଟଙ୍କା ବୋଉକୁ ଦେଇଥିଲି



ସାହିତ୍ୟିକ ଲଳିତ ମୋହନ ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମୋର ଜନ୍ମ ନୟାଗଡ଼ ଜିଲା ଓଡଗାଁ ବ୍ଲକ ଅନ୍ତର୍ଗତ କୁରାଳ ଗ୍ରାମରେ । ନନା ଆର୍ତ୍ତବନ୍ଧୁ ମିଶ୍ର ଓ ବୋଉ ଶୈଳବାଳା ମିଶ୍ର । ତିନିଭାଇଙ୍କ ମଧ୍ୟରେ ମୁଁ ହେଲି ମଝିଆ । ତା'ସହିତ ଆମର ଗୋଟିଏ ବୋଲି ଭଉଣୀ । ମଧ୍ୟବିତ୍ତ ପରିବାରର ଆର୍ଥିକ ଅବସ୍ଥା ଦେଇ ମୋର କୈଶୋର ଜୀବନ ଅତିବାହିତ । ଜୀବନର ବିଭିନ୍ନ ପର୍ଯ୍ୟାୟରେ ଘାତ ପ୍ରତିଘାତ ଦେଇ ଶେଷରେ ପୁରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାଳୟରେ ଅଧ୍ୟୟନ କଲି । ମୋ ପୂର୍ବରୁ ବଡ଼ ଭାଇ ସେହି କଲେଜରେ ପଢୁଥିଲେ । ତେଣୁ ଚଳିବାକୁ ମୋତେ ସେତେ ଅସୁବିଧା ନ ଥିଲା । ନନା ଚଳିବାକୁ ଏବଂ ହଷ୍ଟେଲ ଖର୍ଚ୍ଚ ବାବଦକୁ ମାସକୁ ତିନି ଶହ ଟଙ୍କା ଆମ ଗାଁ ଚପଳା ବସ୍‌ର କଣ୍ଡକ୍ଟର ହାତରେ ପୁରୀ ପଠାଇ ଦେଉଥିଲେ । ସେଥିରେ ଯେନତେନ ପ୍ରକାରେ ମାସିକ ଚଳିବାକୁ ହୁଏ । ତା'ସାଙ୍ଗକୁ କଲେଜରୁ ଛାତ୍ରବୃତ୍ତି ସେତେବେଳେ ପଚାଶ ଟଙ୍କା ମିଳୁଥାଏ । ପୁରୀରେ ଶାସ୍ତ୍ରୀ ଉତ୍ତୀର୍ଣ୍ଣ ପରେ ସାଗର ବିଶ୍ୱବିଦ୍ୟାଳୟରେ ଏମ.ଏ ଏବଂ ଏମ୍.ଫିଲ୍ କଲି । ଆଉ ନନା ସେତେବେଳେ ପ୍ରାଥମିକ ଶିକ୍ଷକରୁ ଅବସର ନେଇଥାନ୍ତି । ଅବସର ପରେ ମଧ ସିଏ ମୋ ପାଖକୁ ମାସିକ ହଜାର ଟଙ୍କା ଲେଖାଏଁ ଡ୍ରାଫ୍ଟ କରି ପଠାଉଥିଲେ । ଏହିପରି ଭାବେ ପଢା ଶେଷ ହୋଇ ମୋତେ ଚାକିରି ମିଳେ । ପ୍ରଥମ ପୋଷ୍ଟିଂ ନବରଙ୍ଗପୁର ଜିଲାର ପାପଡ଼ାହଣ୍ଡିରେ ହୁଏ । ନନା ମୋତେ ସାଥିରେ ନେଇ ସେଠାରେ ଜଏନ୍ କରାଇ ଦିଅନ୍ତି । ନନା ହିଁ ମୋର ଆଦର୍ଶ । ସେଥିପାଇଁ ଚାକିରିରୁ ଯେଉଁ ପ୍ରଥମ ଦରମା ପାଇଥିଲି ତାକୁ ନେଇ ପ୍ରଥମେ ନନାଙ୍କୁ ଦେଇଥିଲି ଆଉ ସେଥିରୁ ମାତ୍ର ପାଞ୍ଚ ଶହ ଟଙ୍କା କାଢ଼ି ବୋଉକୁ ଅଲଗା ଦେଇଥିଲି । ଚାକିରି ଜୀବନ ବ୍ୟତିତ ନନାଙ୍କ ପ୍ରେରଣା ମୋତେ ସାହିତ୍ୟ ପ୍ରତି ଅଧିକ ରୁଚିଶୀଳ କରାଇଥିଲା । ତେଣୁ ବୃତ୍ତିଗତ ଜୀବନରୁ ଟିକିଏ ସମୟ ପାଇଲେ ସାହିତ୍ୟ ସର୍ଜନାରେ ବସିଯାଏ । ସେତେବେଳେ ଖବରକାଗଜ କିମ୍ବା ପତ୍ରପତ୍ରିକା ସେତେ ଉପଲବ୍ଧ ନଥିଲା । ମୁଁ ନବରଙ୍ଗପୁରରୁ ଗାଁକୁ ଆସିଲାବେଳେ ଭବାନୀପାଟଣା ବସ୍ ଷ୍ଟାଣ୍ଡରୁ ପତ୍ରିକା କିଣୁଥିଲି । ଅମୃତାୟନ, ଝଙ୍କାର, ନବନୀତା ଏବଂ କଥା ପତ୍ରିକା ଆଦି ପୂଜା ବିଶେଷାଙ୍କ କିଣି ପଢୁଥିଲି । ତାକୁ ହିଁ ପଢି ପଢି କ୍ରମେ ଗଳ୍ପ ଲେଖିବାର ଶୈଳୀ ଜାଣିଗଲି । କ୍ରମେ ବିଭିନ୍ନ ପତ୍ରିକାକୁ ମୋର ଲେଖା ପଠାଇଲି ; କିନ୍ତୁ ତାହା ପ୍ରକାଶିତ ହେଉଥିଲା କି ନାହିଁ ମୋତେ ଜଣା ନଥିଲା । ତେବେ ନବରଙ୍ଗପୁର ଜିଲା ଛାଡିବା ପରେ ଗଜପତି ଜିଲାରେ ସାହିତ୍ୟ ପ୍ରତି ଅଧିକ ମନୋନିବେଶ କଲି । ଏହା ଭିତରେ ମୋର ୯ଟି ପୁସ୍ତକ ପ୍ରକାଶିତ ହୋଇ ପାଠକୀୟତା ହାସଲ କରିସାରିଛି । ଯେମିତିକି ୪ଟି ଗଳ୍ପ ସଙ୍କଳନ 'ପରିଣୀତା', 'ଜୀବନ ଜ୍ୟାମିତି', 'ମଧ୍ୟାହ୍ନର ଛାଇ' ଓ 'ବିଭାବରୀ କୃଷ୍ଣ ପଣତରେ' ୧ଟି ଉପନ୍ୟାସ 'ଅନ୍ଧ ଗଳିର ନାୟିକା', ୨ଟି ଆଧ୍ୟାତ୍ମିକ ସଂକଳନ 'ଅମୃତ ଗଣ୍ଡିଲି' ଓ 'ଚେତନାର ଚଉହଦି', ୧ଟି ଶିଶୁ ଗଳ୍ପ ସଂକଳନ 'ମୋତେ ଏତିକି ଶିଖାଅ ସାଇଁ' ଏବଂ ୧ଟି ପ୍ରବନ୍ଧ ସଙ୍କଳନ 'ସୃଜନ ବେଣୁର ମେଘମହ୍ଲାର' । ଏଠାରେ କହି ରଖିବାକୁ ଚାହେଁ ଯେ, ମୋ ଧର୍ମପତ୍ନୀ ପ୍ରଣତି ଆଚାର୍ଯ୍ୟ ମିଶ୍ର ବି ଜଣେ ଲେଖିକା । ଆଉ ସେ ହିଁ ମୋ ଲେଖା ସବୁର ପ୍ରଥମ ପାଠିକା ଆଉ ମୋ ପ୍ରେରଣାଦାୟିନୀ ।

# ଗୋଲ୍ଡେନ୍ ଗ୍ରାସ୍ ଦେଇଛି ପରିଚୟ



**ବି**ଭିନ୍ନ ପ୍ରକାର କଳାକୃତିରେ ଘର ସଜାଇବାକୁ ଅନେକେ ପସନ୍ଦ କରିଥାନ୍ତି। ସେମିତି ଏକ ପାରମ୍ପରିକ ହସ୍ତକଳାଶିଳ୍ପ ହେଲା ଗୋଲ୍ଡେନ୍ ଗ୍ରାସ୍; ଯେଉଁଥିରେ କଳାକୃତି ତିଆରି କରି ରୋଜଗାର କରିବା ସହ ନିଜର ଏକ ପରିଚୟ ସୃଷ୍ଟି କରିଛନ୍ତି **ଦୀପ୍ତିରାଣୀ ସେନାପତି**। ଯାଜପୁର ଜିଲ୍ଲା ଗଡ଼ମଧୁପୁର ପଞ୍ଚାୟତ ଅନ୍ତର୍ଗତ ଅଣ୍ଡାଗ୍ରାମର ଗିରିଧର ସେନାପତି ଓ ଶୈଳବାଳାଙ୍କ ସେ ହେଲେ ଝିଅ। ଦୀପ୍ତିରାଣୀ କୁହନ୍ତି, ମୁଁ ୮ମ ଶ୍ରେଣୀରେ ପଢୁଥିବାବେଳେ ମୋ ମା' କାଇଞ୍ଚ (ଗୋଲ୍ଡେନ୍ ଗ୍ରାସ୍)ରେ ବିଭିନ୍ନ କଳାକୃତି ଓ ଘରକରଣା ସାମଗ୍ରୀ ତିଆରି କରୁଥିବାର ଦେଖୁଥିଲି। ସମୟକ୍ରମେ ମୋ ଭିତରେ ବି ଏହି କଳାକୃତି ତିଆରି କରିବାକୁ ନେଇ ଆଗ୍ରହ ସୃଷ୍ଟି ହେଲା। ଏଥିଯୋଗୁ ମା' ମୋତେ ଗୁରୁ ପ୍ରାଣକୃଷ୍ଣ ମହାନ୍ତିଙ୍କଠାରୁ ଆନୁଷ୍ଠାନିକ ଭାବେ ହସ୍ତକଳା ତାଲିମ ପାଇଁ ବନ୍ଦୋବସ୍ତ କରାଇଥିଲେ। ଏଇଠୁ ଶିଖିବା ପରେ ମୁଁ ଗୋଲ୍ଡେନ୍ ଗ୍ରାସ୍‌ର ବିଭିନ୍ନ କଳା କାରିଗରି ପ୍ରସ୍ତୁତ କଲି; ଯାହାକି ଆଜି ମୋତେ ଜଣେ ଶିଳ୍ପୀର ପରିଚୟ ଦେଲା। ଏହିଥିରୁ ମୁଁ ମାସିକ ୩ରୁ ୫ହଜାର ଟଙ୍କା ରୋଜଗାର କରିପାରିଲି। ୨୦୦୮ ମସିହାରେ ମୋର ବିବାହ ହୋଇଯିବାରୁ ଶାଶୁଘର ଗାଁ ଛତିଆ, ଚମ୍ପାପୁରରେ ରହିଲି। ମୋର



ହସ୍ତଶିଳ୍ପକଳା ସମ୍ପର୍କରେ ଶାଶୁଘର ଲୋକେ ଜାଣିଥିଲେ। ତେଣୁ ସେହି ଗାଁର କେତେଜଣ ମହିଳା ମୋଠାରୁ ପ୍ରଶିକ୍ଷଣ ନେବାକୁ ଚାହିଁଲେ; ଯେଉଁଥିରେ ମୋ ସ୍ୱାମୀ ପ୍ରଶାନ୍ତ ବେହେରା ସହଯୋଗ କରିଥିଲେ। ସେବେଠାରୁ ଆଉ ପଛକୁ ଚାହିଁନାହିଁ, ପ୍ରାୟ ୪୦ଜଣ ମହିଳାଙ୍କୁ ତାଲିମଦେବା ପରେ ସେମାନେ ଏବେ କାଇଞ୍ଚରେ ବିଭିନ୍ନ ଘରକରଣା ସାମଗ୍ରୀ ଓ କଳାକୃତି ତିଆରି କରୁଛନ୍ତି। ଏହି କଳାକୃତି ପାଇଁ ଆବଶ୍ୟକ କଞ୍ଚାମାଲକୁ ଗଡ଼ମଧୁପୁର, ପଞ୍ଚୁପାଣ୍ଡବ ଅଞ୍ଚଳରୁ କେତେଜଣ ବ୍ୟକ୍ତି ସଂଗ୍ରହକରି ଆଣିଥାନ୍ତି। ସେମାନଙ୍କଠାରୁ ଏହାର କିଲୋ ପିଛା ପ୍ରାୟ ୧ଶହରୁ ୨ଶହଟଙ୍କା ମଧ୍ୟରେ କିଣାଯାଇଥାଏ। ତା'ପରେ ସାଇଜ କରି ସେଗୁଡ଼ିକୁ ଫାଳକରି କଟାଯାଏ। ପରେ ସେଗୁଡ଼ିକୁ ଜରିରେ ଗନ୍ଧକର୍ପୂର ଦେଇ ସାଇତି ରଖାଯାଏ। ବିଭିନ୍ନ କଳାକୃତି ବୁଣିବା ପୂର୍ବରୁ ସେହି ଗୋଲ୍ଡେନ୍ ଗ୍ରାସ୍‌କୁ ପାଣିରେ ଭିଜାଇ ରଖିବାକୁ ପଡେ। ତା' ପରେ ହସ୍ତଶିଳ୍ପୀମାନେ ଏଥିରେ ସୁନ୍ଦରସୁନ୍ଦର ବ୍ୟାଗ୍, ଫୁଲଦାନି, ମାଣପେଡ଼ି, ଟ୍ରେ, ଟୋପି ଆଦି ସାମଗ୍ରୀ ତିଆରି କରିଥାନ୍ତି। ପ୍ରାୟ ୨୦ ଟଙ୍କାରୁ ଆରମ୍ଭକରି ୨ହଜାର ଟଙ୍କା ମଧ୍ୟରେ ଗୋଟିଏ ଗୋଟିଏ ଗୋଲ୍ଡେନ୍ ଗ୍ରାସ୍‌ରେ ବୁଣାଯାଇଥିବା ସାମଗ୍ରୀକୁ ବିକ୍ରି କରାଯାଇଥାଏ। ରାଜ୍ୟସରକାରଙ୍କ ତରଫରୁ ଆୟୋଜିତ କେତେକ ମେଳା ତଥା ଶିଶିର ସରସ, ବାଲିଯାତ୍ରା, ତୋଷାଳି, ଉତ୍କଳିକା ମେଳାରେ ଏହି ସାମଗ୍ରୀଗୁଡ଼ିକ ବିକ୍ରି କରାଯାଇପାରୁଛି। ଏଥିରେ ଏକାଧିକ ପରିବାରଙ୍କୁ ରୋଜଗାର ମିଳିବାରୁ ମହିଳାମାନେ ସକ୍ଷମ ହୋଇପାରିଛନ୍ତି। ଏହି ପ୍ରୟାସ ପାଇଁ ତାଙ୍କୁ କଳିଙ୍ଗ ରତ୍ନ ସମ୍ମାନ ସହ ୨୦୧୮ରେ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି।





# ନିମୁନାନାସୀ

**ପ୍ରା**କୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ନୀଳାମ୍ବୁ ଚିଲିକା ସମସ୍ତଙ୍କ ମନକୁ ସର୍ବଦା ଆକର୍ଷିତ କରିଥାଏ। ତେବେ କେବଳ ଚିଲିକା ନୁହେଁ ତା'ର ତଟଦେଶରେ ଏମିତି କେତେକ ସ୍ଥାନ ରହିଛି; ଯାହା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ସେମିତି ଏକ ସ୍ଥାନ ଚିଲିକାର ପଶ୍ଚିମ ତଟଦେଶରେ ଅବସ୍ଥିତ; ଯାହାର ନାଁ ହେଲା ନିମୁନାନାସୀ। ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମପଞ୍ଚାୟତ ଅଧୀନରେ



ରହିଛି ଏହି ସ୍ଥାନଟି। ବର୍ଷର ଅନ୍ୟ ଦିନ ଅପେକ୍ଷା ବିଶେଷକରି ଶୀତ ଓ ଖରାଦିନେ ନିମୁନାନାସୀଠାରେ ବଣ ଭୋଜି କରିବାକୁ ଆଖପାଖ ଅଞ୍ଚଳର ସ୍କୁଲ କଲେଜ ପିଲାଙ୍କଠାରୁ ଆରମ୍ଭକରି ବିଭିନ୍ନ ବର୍ଗର ଲୋକଙ୍କ ଭିଡ଼ ଜମିଥାଏ। ତେବେ ଏଠାରେ ଦିନବେଳା ବଣଭୋଜି ପାଇଁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଚିଲିକା ବନ୍ୟପ୍ରାଣୀ ସୁରକ୍ଷାପ୍ରତି ନଜର ଦେବାକୁ ପଡ଼ିବ। ଏହି ସ୍ଥାନରେ ପହଞ୍ଚିଲାପରେ ଦେଖିବାକୁ ପାଇବେ ଛୋଟ ଛୋଟ ମୁଣ୍ଡିଆ ଆଉ ମୁକ୍ତ ଆକାଶର ଭାସମାନ ବଉଦ; ଯାହାର ପ୍ରତିବିମ୍ବ ଚିଲିକା ଜଳରେ ଆହୁରି ଆକର୍ଷଣୀୟ ଦିଶେ। ଚିଲିକା ମଧ୍ୟରୁ କୂଳଫେରନ୍ତା ତଳେଇଟଣା ନୌକାର ଦୃଶ୍ୟ, ଚିଲିକା ତଟଦେଶରେ ଧାଡ଼ିଧାଡ଼ି ହୋଇ ଠିଆ ହୋଇଥିବା ଏକାଧିକ ତାଳଗଛ ସହ ନାରୀକେଳ ଉଦ୍ୟାନ ବେଶ୍ ମନୋରମ। ଆଉ ଏଇଠି ଚିଲିକା ପବନରେ ଭାସି ଆସୁଥିବା ନାଉରିଆର ଉଦାମ ସଙ୍ଗୀତ ଆପଣଙ୍କ ମନକୁ ନିଶ୍ଚୟ ଆନମନା କରିଦେବ। ଚିଲିକାରେ ସୂର୍ଯ୍ୟୋଦୟ ହେଉ କି ଅସ୍ତ ସୂର୍ଯ୍ୟର ଲାଲକିରଣ କିମ୍ବା ଆକାଶରେ ଦଳଦଳ ପକ୍ଷୀ ସବୁକିଛି କାହାକୁ ବି ଆନମନା କରିଦେବ। ଏଠାରେ ମାଛମାରି ରୋଷେଇ କରିବାର ମଜା ନେବା ପାଇଁ ଅଭିଜ୍ଞମାଛଧରାଳିଙ୍କ ସହିତ ଯୋଗାଯୋଗ କରିବାକୁ ହେବ। ନିମୁନା ଗ୍ରାମବାସୀଙ୍କ ସହଯୋଗରେ ଜେଟିରେ ମା' କାଳିଜାଇଙ୍କ ଅନ୍ୟ ଏକ ଭବ୍ୟ ମନ୍ଦିର ନିର୍ମାଣ ହୋଇଛି; ଯେଉଁଠାରେ ପ୍ରତିବର୍ଷ ମକର ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। ନିକଟରେ ରହିଛି ଓଡ଼ିଶା ସରକାରଙ୍କ ଏକ ସରକାରୀ ନଡ଼ିଆ ଉଦ୍ୟାନ। ଚିଲିକାରେ ନୌକାରେ ଆସିବା ବ୍ୟତୀତ ନିମୁନାନାସୀକୁ ସ୍ଥଳପଥରେ ଆସିବାକୁ ହେଲେ ଭୁବନେଶ୍ୱରରୁ ବାଲୁଗାଁ ଅଭିମୁଖେ ୧୬ ନମ୍ବର ଜାତୀୟ ରାଜପଥର କୁହୁଡ଼ି ଛକରେ ପହଞ୍ଚି ସେଠାରୁ ହାଟବରଡ଼ି-ବାଲିଆ ଦେଇ କିମ୍ବା ନାରୁଣୀଠାରୁ ହରିପୁର ଗାଁଦେଇ ଏଠାକୁ ଆସିବେ। -ବନବିହାରୀ





ସ୍ମୃତିରଞ୍ଜନ

## ହାଃ ହାଃ

### ନୋଟ୍

ପପୁ ମଣ୍ଟୁକୁ: ସବୁ ନୋଟ୍‌ରେ ଗାନ୍ଧିଜୀଙ୍କ ହସୁଥିବା ଚେହେରାର ଫଟୋ କ'ଣ ପାଇଁ ଅଛି ?

ମଣ୍ଟୁ: ବୋକା, ଏତିକି ଜାଣିନୁ ? କାନ୍ଦିବା ଫଟୋ ରଖିଥିଲେ ନୋଟ୍ ଓଦା ହୋଇଯାଇ ନ ଥାଆନ୍ତା ?

### ୱାଇଫ୍

ଗୋଲୁ : ବାପା ୱାଇଫ୍‌ର ଅର୍ଥ କ'ଣ ?

ବାପା: ଭଲରେ ବୁଝେଇକି କହୁଛି ଶୁଣ । ୱାଇଫ୍‌ର ଅର୍ଥ ହେଉଛି ଉଇଦ୍ ଆଉଟ୍ ଇନ୍‌ଫରମେସନ୍ ଫାଇଟିଂ ଏଭରିଟାଇମ୍ ।

### ଫ୍ରି

ସ୍ତ୍ରୀ ସ୍ୱାମୀଙ୍କୁ: ହେଇ ଦେଖିଲ, ମୁଁ ତମ ପାଇଁ ଗୋଟେ ଟି-ଶର୍ଟ ଆଣିଛି ।

ସ୍ୱାମୀ: କେତେ ଟଙ୍କା ପଡ଼ିଲା ?

ସ୍ତ୍ରୀ: ମାଗଣାରେ ଆଣିଛି ।

ସ୍ୱାମୀ: ଆରେ ବାଃ ବଢିଆ । ହେଲେ ଏମିତି କେମିତି ମିଳିଗଲା ?

ସ୍ତ୍ରୀ: ଶପିଂ ମଲ୍‌ରେ ଦେଖିଲି ୮୦୦୦ ଟଙ୍କାର ଶାଢୀରେ ଏଇ ସୁନ୍ଦର ଟି-ଶର୍ଟ ଟା ଫ୍ରି ମିଳୁଛି । ଭାବିଲି ଏତେ ଭଲ ଟି-ଶର୍ଟ ହାତଛଡ଼ା କେମିତି କରିବି । ସେଥିପାଇଁ ଶାଢୀଟା କିଣିଦେଲି ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

# ପ୍ରାକୃତିକ ଶୋଭାରେ ଭରା
# ଶୋଜା



ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ସହ ବିଭିନ୍ନ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଦେଖିବାର ସୁଯୋଗ ରହିଛି ହୀମାଚଳ ପ୍ରଦେଶର ଶୋଜାଠାରେ। ଖାସ୍ ସେଥିପାଇଁ ବର୍ଷର ସବୁ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳେ। ବିଶେଷକରି ପ୍ରକୃତିପ୍ରେମୀଙ୍କର ଏଠି ବେଶୀ ଗହଳି ଦେଖାଯାଏ...

**ଶୋ**ଜା ହେଉଛି ହୀମାଚଳ ପ୍ରଦେଶର ଏମିତି ଏକ ଗାଁ ; ଯେଉଁଠାରେ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିହେବ। ଜାଲୋରି ପାସ୍‌ଠାରୁ ମାତ୍ର ୫ କି.ମି ଦୂରରେ ଥିବା ଏହି ସ୍ଥାନର ଜଳବାୟୁ ବର୍ଷସାରା ବେଶ୍ ମନୋରମ ରହିଥାଏ। ଗୋଟେ ପଟେ ବରଫରେ ଢାଙ୍କି ହୋଇ ରହିଥିବା ହୀମାଳୟ କ୍ଷେତ୍ରର ଅପୂର୍ବ ଶୋଭାକୁ ଏହି ଗାଁ ନିକଟରୁ ଦେଖିବା ଆକର୍ଷଣୀୟ ଲାଗୁଥିବାବେଳେ ଅନ୍ୟପଟେ ଗାଁ ପାଖରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବେଶ୍ ମତୁଆଲା କରିଥାଏ। ଖାସ୍ ସେଥିପାଇଁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ।

### କ'ଣ ଦେଖିବେ

ସୂଚନାନୁଯାୟୀ, ଶୋଜା ଗାଁଟି କୁଆଡ଼େ ଗ୍ରେଟ୍ ହିମାଳୟାନ ନ୍ୟାସନାଲ୍ ପାର୍କର ମଧ୍ୟ ଏକ ଅଂଶ ; ସେଥିପାଇଁ ଏଠାରେ ପର୍ଯ୍ୟଟକ ବିଭିନ୍ନ ଦୁର୍ଲଭ ପ୍ରଜାତିର ପଶୁପକ୍ଷୀ ସମେତ ନାନା କିସମର ବନସ୍ପତି ବୃକ୍ଷ ଦେଖିବାର ସୁଯୋଗ ପାଇପାରିବେ।

ତା'ଛଡ଼ା ଶୋଜାର ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ଛୋଟବଡ଼ ପାହାଡ଼, ଝରଣା, ହ୍ରଦ ସମେତ ବହୁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ବି ଦେଖିପାରିବେ। ଯେମିତିକି: ୱାଟର୍ ଫଲ୍ ପଏଣ୍ଟ, ଜାଲୋରି ପାସ୍, ସେରୋଲସାର ହ୍ରଦ, ତିର୍ଥାନ୍ ଉପତ୍ୟାକା, ରଘୁପୁର ଦୁର୍ଗ ଇତ୍ୟାଦି ଅନ୍ୟତମ। ପର୍ଯ୍ୟଟକ ଚାହିଁଲେ ଏସବୁ ସ୍ଥାନକୁ ମଧ୍ୟ ବୁଲି ଯାଇପାରିବେ।

### ଦୁଃସାହସିକ କ୍ରୀଡ଼ାର ଆନନ୍ଦ

ଶୋଜାରେ ଯେହେତୁ ପାହାଡ ଓ ଜଳାଶୟ ଆଦି ରହିଛି, ତେଣୁ ଏଠାରେ ଟ୍ରେକିଂ, ବୋଟିଂ ତଥା କାୟାକିଂ ଭଳି ଦୁଃସାହସିକ କ୍ରୀଡ଼ାର ବେଶ୍ ଭଲ ସୁବିଧା ଉପଲବ୍ଧ ଅଛି। ଏଥିରେ ରୁଚି ରଖୁଥିବା ପର୍ଯ୍ୟଟକ ଏଠାରେ ଏହି ସବୁ କ୍ରୀଡ଼ାର ଭରପୂର ଆନନ୍ଦ ନେଇପାରିବେ। ତା'ଛଡ଼ା ଏଠାରେ ଏହି ସବୁ କ୍ରୀଡ଼ା ଉପରେ ଗାଇଡ୍‌ମାନଙ୍କ ଦ୍ୱାରା ତାଲିମ ଦେବାର ବ୍ୟବସ୍ଥା ବି ରହିଛି।


### ପକ୍ଷୀ ଦେଖିବାର ସୁଯୋଗ

ଜଙ୍ଗଲିଆ ପରିବେଶ ସାଙ୍ଗକୁ ଜଳାଶୟ ଥିବାରୁ ଏଠାରେ ବିଭିନ୍ନ ପକ୍ଷୀମାନଙ୍କୁ ଦେଖିବାର ସୁଯୋଗ ମିଳିଥାଏ। ଖାସ୍ କରି ଶୀତଦିନ ହେଲେ ଦେଶ ବିଦେଶରୁ ବହୁ ସଂଖ୍ୟାରେ ପକ୍ଷୀ ଏଠାକୁ ଉଡ଼ି ଆସିଥାନ୍ତି। କେବଳ ପକ୍ଷୀ ନୁହଁନ୍ତି ଏଠାରେ ନାନା ଜାତିର ପ୍ରଜାପତିଙ୍କୁ ବି ଦେଖିବାର ସୁବିଧା ରହିଛି।


### କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ଯିବାର ସୁବିଧା ରହିଛି। ଏଠାକାର ପ୍ରାକୃତିକ ସୁନ୍ଦରତା ତଥା ଶାନ୍ତ ବାତାବରଣରେ କିଛି ସମୟ ବିତାଇବା ପାଇଁ ବର୍ଷର ସବୁ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ। ଖାସ୍ କରି ଜୁନ୍ ମାସ ବେଳକୁ ଏଠାକାର ପାହାଡ ତଳିଆ ଅଞ୍ଚଳରେ ବିଭିନ୍ନ ପ୍ରକାର ଫୁଲ ଫୁଟିଥିବାର ଦେଖିବାକୁ ମିଳେ। ପର୍ଯ୍ୟଟକ ଚାହିଁଲେ ଏହି ସମୟରେ ମଧ୍ୟ ଏଠାକୁ ବୁଲିବାକୁ ଯାଇପାରିବେ। ସେହିପରି ଶୋଜାକୁ ଯିବା ପାଇଁ ସଡ଼କପଥ ହେଉକି ରେଳପଥ ତଥା ଆକାଶପଥ ମଧ୍ୟ ଭଲ ସୁବିଧା ରହିଛି।





# ଗ୍ୟାସ୍ ଚୁଲାର ଶିଖା ନୀଳ କାହିଁକି



**କେବେ ଲକ୍ଷ୍ୟ ରଖିଛନ୍ତି କି ଯେବେ ଦିଆସିଲି ଜଳାଯାଏ ତାହାର ଶିଖା ହଳଦିଆ ରଙ୍ଗର ହୋଇଥାଏ। କିନ୍ତୁ ଗ୍ୟାସ୍‌ର ଚୁଲା ଜଳାଗଲେ ତା'ର ଅଗ୍ନି ଶିଖା ନୀଳ ରଙ୍ଗର ଦେଖାଯାଏ। ହେଲେ ଏମିତି କାହିଁକି ହୁଏ କେବେ ଭାବିଛନ୍ତି? ଜାଣନ୍ତୁ ଏହାର କାରଣ..**

ପ୍ରଥମେ ଜାଣିବା ଅଗ୍ନିଶିଖା କେମିତି ଉତ୍ପନ୍ନ ହୋଇଥାଏ । ନିଆଁ ହେଉଛି ଏକ ଏକ୍‌ଜୋଥର୍ମିକ ପ୍ରତିକ୍ରିୟା । ଏହା ଏମିତି ଏକ ରାସାୟନିକ ପ୍ରତିକ୍ରିୟା ; ଯାହା ଉତ୍ତାପ କିମ୍ବା ଲାଇଟ୍ ଆକାରରେ ଶକ୍ତି ନିର୍ଗତ କରେ । ଆମେ ଯେଉଁ ଇନ୍ଧନ ବ୍ୟବହାର କରୁ ସେ ସବୁ କାର୍ବନ ଆଧାରିତ । ସେ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ହେଉ ଅବା ମହମବତୀ କି ଦିଆସିଲ । ତଥାପି ଏ ସମସ୍ତଙ୍କ ଅଗ୍ନି ଶିଖାର ରଙ୍ଗରେ ଅନ୍ତର ଥାଏ । ଏଭଳି ଘଟେ କାରଣ ବାୟୁମଣ୍ଡଳରେ ଅମ୍ଳଜାନ ଥାଏ । ସବୁ କାର୍ବନିକ ପଦାର୍ଥର ନିର୍ମାଣ ପରମାଣୁରେ ହୋଇଥାଏ । ଏହାମଧ୍ୟରେ ନ୍ୟୁଟ୍ରୋନ, ପ୍ରୋଟୋନ ଓ ଇଲେକ୍ଟ୍ରୋନ ଥାଏ । ନ୍ୟୁଟ୍ରୋନ ଓ ପ୍ରୋଟୋନ ପରମାଣୁର କେନ୍ଦ୍ରର ନିର୍ମାଣ କରନ୍ତି । ଯେବେ ଇଲେକ୍ଟ୍ରୋନ ନିଷ୍କ୍ରିୟ ହୋଇ ଫୋଟୋନରେ ଚାର୍ଜ ଟ୍ରାନ୍ସଫର କରେ ସେତେବେଳେ ଅଗ୍ନି ଶିଖା ଉତ୍ପନ୍ନ ହୋଇଥାଏ । ଏହି ଅଗ୍ନି ଶିଖା ସଂସ୍ପର୍ଶରେ ଯେବେ ଅମ୍ଳଜାନ ଆସେ ସବୁ କାର୍ବନ ପରମାଣୁ କାର୍ବନ ଡାଇଅକ୍ସାଇଡରେ ରୂପାନ୍ତରିତ ହୋଇଯାଏ । ଯଦି ଅମ୍ଳଜାନ ବେଶି ପରିମାଣରେ ଥାଏ ତେବେ କାର୍ବନକୁ ପୂରାପୂରି କାର୍ବନ ଡାଇଅକ୍ସାଇଡରେ ରୂପାନ୍ତରିତ କରିଦିଏ । ଫଳରେ ଶିଖା ନୀଳ ରଙ୍ଗର ହୁଏ । ଯଦି ଅମ୍ଳଜାନ ପର୍ଯ୍ୟାପ୍ତ ମାତ୍ରାରେ ନ ଥାଏ ତେବେ କାର୍ବନ, କାର୍ବନ ଡାଇଅକ୍ସାଇଡ଼ରେ ରୂପାନ୍ତରିତ ହୋଇପାରି ନ ଥାଏ । ଫଳରେ ଶିଖାର ଉପର ଭାଗ କଳା ଦେଖାଯାଏ । ମହମ, କାଠ, ଦିଆସିଲି, କାଗଜ ଆଦିକୁ ଜଟିଳ କାର୍ବନ ଅଣୁ ବୋଲି କୁହାଯାଏ । ଯଦି ବାୟୁମଣ୍ଡଳର ଅମ୍ଳଜାନ କଥା ଦେଖାଯାଏ ତେବେ ଏଥିରେ କାର୍ବନର ଅନୁପାତିକ ପରିମାଣ ଅଧିକ ଥାଏ । ତେଣୁ ଏଗୁଡ଼ିକର ଅକ୍ସିକରଣ ତ ହୁଏ ହେଲେ ସମ୍ପୂର୍ଣ୍ଣ ହୋଇପାରେନା । ତେଣୁ ଏଥିରୁ ବାହାରୁଥିବା ଅଗ୍ନିଶିଖା ନାରଙ୍ଗୀ ଅବା ହଳଦିଆ ରଙ୍ଗର ହୋଇଥାଏ । ଏଲପିଜି ଓ ମିଥେନ ଭଳି ଇନ୍ଧନରେ କିନ୍ତୁ ବହୁତ କମ୍ କାର୍ବନ ଥାଏ । ତେଣୁ ଏହାସହ ଯେବେ ଅମ୍ଳଜାନ ମିଶେ ଅମ୍ଳଜାନ ପୂରାପୂରି ନିଜର କବ୍‌ଜା ଜମେଇ ଦିଏ । ତେଣୁ ଏଥିରୁ ନିଃସୃତ ଅଗ୍ନି ଶିଖା ନୀଳ ଦେଖାଯାଏ । ସାଧାରଣ ଭାଷାରେ କହିବାକୁଗଲେ କୌଣସି ଅଗ୍ନିଶିଖାର ରଙ୍ଗ ନିର୍ଦ୍ଧାରଣ ବାୟୁମଣ୍ଡଳର ଅମ୍ଳଜାନ ଉପରେ ନିର୍ଭର କରେ । ଏହା ଜଳୁଥିବା ଜିନିଷର କାର୍ବନ ସହ ଯେଉଁଭଳି ପ୍ରତିକ୍ରିୟା କରେ ଅଗ୍ନିଶିଖାର ରଙ୍ଗ ସେହିଭଳି ହୋଇଯାଏ ।






## ସ୍କାଏ ଡାଇଭିଂ ସହ କ୍ୟୁବ୍ ସଲ୍‌ଭ

ସମସ୍ତେ ଜାଣନ୍ତି ରୁ୍ୟବିକ୍ କ୍ୟୁବ୍ ସଲ୍‌ଭ କରିବା ଆଦୌ ପିଲା ଖେଳ ନୁହେଁ । ପଜଲ୍‌କୁ ବୁଝି ତାକୁ ବୁଲାଇ ବୁଲାଇ ସଲ୍‌ଭ କରିବାକୁ ହୁଏ । ଏଥିପାଇଁ ବହୁତ ଅଭ୍ୟାସ ଓ ଚେଷ୍ଟା ଜରୁରୀ । ଅନ୍ୟପକ୍ଷେ ସ୍କାଏ ଡାଇଭିଂ ଏକ ଡେୟାର ଡେଭିଲ୍ ଷ୍ଟଣ୍ଟ । ଦୁର୍ବଳ ହୃଦୟର ମଣିଷ ତ ଏହାକୁ କେବେ ଟ୍ରାଏ କରିବାକୁ ବି ଚାହିଁବେ ନାହିଁ । କାରଣ ଭୂପୃଷ୍ଠରୁ ଶହ ଶହ କି.ମି. ଉପରେ ଆକାଶରେ ସ୍କାଏ ଡାଇଭିଂ କରିବା ପାଇଁ ସାହସ ଥିବା ନିହାତି ଜରୁରୀ । ତେବେ ପଶ୍ଚିମ ଅଷ୍ଟ୍ରେଲିଆର ୧୭ ବର୍ଷୀୟ ସାମ୍ ସିରାକି ଯେମିତି ସାହସୀ ସେମିତି ବୁଦ୍ଧିମାନ ବି । ସେଥିପାଇଁ ତ ସେ ଏକ ଦୁଃସାହସିକ ରେକର୍ଡ କରିପାରିଛନ୍ତି । ଯେଉଁଥିରେ ସାମ୍, ଜୁରିନ୍ ବେ'ର ୧୪୦୦୦ ଫୁଟ୍ ଉଚ୍ଚତାରୁ ଏରୋପ୍ଲେନ୍‌ରୁ ଡେଇଁ ସ୍କାଏ ଡାଇଭିଂ କରିବା ସହ ଏକ ରୁ୍ୟବିକ୍ କ୍ୟୁବ୍‌କୁ ୨୮.୨୫ ସେକେଣ୍ଡରେ ସଲ୍‌ଭ କରି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି । ଘଣ୍ଟାକୁ ୨୦୦ କି.ମି. ବେଗରେ ତଳକୁ ଖସିବା ସମୟରେ ସେ କ୍ୟୁବ୍ ସଲ୍‌ଭ କରୁଥିଲେ । ପବନ ସେହି ସମୟରେ ଏତେ ଜୋର୍‌ରେ ପିଟି ହେଉଥିଲା ଯେ, ଦେଖିବା ଏମିତି କି କ୍ୟୁବ୍‌କୁ ଧରି ସଲ୍‌ଭ କରିବା ଅସମ୍ଭବ ମନେହେଉଥିଲା । ପଜଲ୍ ଉପରେ କନ୍‌ସନ୍‌ଟ୍ରେଟ୍ କରି ହେଉ ନ ଥିଲା । ଏଣେ ହାତରୁ ପଜଲ୍ ଖସିଯିବାର ସମ୍ଭାବନା ବେଶି ଥିଲା । ଏଭଳି କଠିନ ପରିସ୍ଥିତି ଓ ଜୀବନ ପ୍ରତି ଭୟ ଥିବା ସତ୍ତ୍ୱେ ସାମ୍, କନ୍‌ସନ୍‌ଟ୍ରେଟ୍ କରି ପଜଲ୍ ସଲ୍‌ଭ କରିବାରେ ସମର୍ଥ ହୋଇଥିଲେ । ଆଉ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ନିଜ ନାମକୁ ସାମିଲ କଲେ ।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଡେ' ଦିବସ

ରାହୁଳ ରାହୁ ଭଳି ରାଉ ରାଉ ହୋଇ ଗୁଡ଼ାଏ ଗାଳି ଦେଉଥିଲା ପଞ୍ଜିକାରମାନଙ୍କୁ । କହିଲା କି ପାଠ ପଢ଼ି ଭବିଷ୍ୟତ ବକ୍ତା ବୋଲାଉଛ ହେ ! ଯେବେ ଗଣନା କରି ଜାଣୁନା, ତେବେ ପାଞ୍ଜିପତର ଲେଖା ବେପାର ଛାଡ଼ିଦେଉନା କିଆଁ ? ସବୁ ବରଷ ସେଇ ପୁରୁଣାକାଳିଆ ପରବ-ପର୍ବାଣୀ, ବାହା ତିଥି, ବ୍ରତଘର, ମାସାନ୍ତ ସଂକ୍ରାନ୍ତି କଥା ଲେଖି, ପାଞ୍ଜି ବିକ୍ରିକରି ଯେତିକି ଧନ କମାଉଛ, ଯଦି ତାକୁ ଛାଡ଼ି ଲଭର୍ସ-ଡେ', ମଦର୍ସ-ଡେ', ଫାଦର୍ସ-ଡେ', ଚକୋଲେଟ-ଡେ', ରୋଜ୍-ଡେ', ପ୍ରପୋଜ-ଡେ', ହଗ୍-ଡେ', କିସ୍-ଡେ', ଭାଲେଣ୍ଟାଇନ-ଡେ' ଇତ୍ୟାଦି କେବେ କୋଉଦିନ ପାଞ୍ଜିରେ ଛାପିପାରନ୍ତ, ତେବେ ମୁଁ ହଲପକରି କହୁଛି.. ତମ ପାଞ୍ଜି ବେପାର ହଜାର ଗୁଣା ବଢ଼ିଯାଇ ସାରନ୍ତାଣି । ଧେତ୍, ତମ କାଗଜ-ପାଞ୍ଜିର ପୃଷ୍ଠା ଓଲଟାଇବାଠାରୁ ଆମ ଟିପଘଷା ପାଞ୍ଜି ବହୁତ ଗୁଣରେ ଭଲ । ସିଏ ତ ସୋସିଆଲ ମିଡ଼ିଆରେ କୋଉଦିନ କାହାର ଜନମ ଦିନ.. ହାପି ବାର୍ଥ-ଡେ' ଆଗୁଆ ଗଣନା କରି ଜଣେଇ ଦେଉଛି । ତୁଛାକୁ ତମ ପାଞ୍ଜି କିଣି ଘରେ ସାଇତିଲେ.. କି ଲାଭ ମିଳୁଛି ? ତମ ପାଞ୍ଜି ଉପରେ ଭରସାକରି ସିନା ମୋର ମରଣ ଦଶା ଭୋଗ କରିବାକୁ ପଡ଼ିଲା ! ନ ହେଲେ କ'ଣ ମୋ ପ୍ରେମିକା ସୋନାଲିର ନାଲିଆଖି ଦେଖିବାକୁ ପଡ଼ିଥାଆନ୍ତା ନା ଧନ ଧନ ଡାକୁଥିବା ତୁଣ୍ଡରୁ ତା'ର ଧିକ୍କାର ବଚନ ଶୁଣି, ବିଷପାନ କରିବାକୁ ମୋ ମନ କହିଥାଆନ୍ତା ? ତା' ବାର୍ଥ-ଡେ' ବେଳକୁ ମୋ ଟିପଘଷା ଡିଜିଟାଲ ପାଞ୍ଜିଟା ବିଗିଡି ଯାଇଥିବାରୁ ବହୁ କ୍ରୋଧର ଶିକାର ହେଲି । ଶେଷରେ ସରି ସରି ଶବଦରେ ତା ମନକୁ ଭୁଲେଇ କ୍ଷମା ପାଇଲି । ପରେ କିନ୍ତୁ ସେ ଫ୍ରେଣ୍ଡଶିପ୍-ଡେ'ରେ ମୋଠାରୁ କିଛି ସର୍‌ପ୍ରାଇଜ୍ ପାଇବା ଆଶାରେ ଅନେଇଁ ବସିଥିଲା । ମୁଁ ଯେବେ ଆଗୁଆ ତା' ମନକଥା ଜାଣି ଠିକ୍ ଏଇ ଡେ'ରେ ଆଇ-ଫୋନ ଉପହାର ଦେଇଥାନ୍ତି, ସେ କ'ଣ ଆଉ କୁଆଡ଼େ ଯାଇଥାନ୍ତ । ସେତିକି କରି ପାରିଲିନି ବୋଲି, ମୋ ସମ୍ପର୍କକୁ ବ୍ରେକପ୍ କରି, ମୋ ଶତ୍ରୁ-ସତୁରା କଣ୍ଟ୍ରାକ୍ଟରର ପୁଅ ସତିଆଠାରୁ ମୋବାଇଲ୍ ପାଇ ତା' ବାଇକି ପଛରେ ବସି, ମତେ ବାୟ ବାୟ କହି ଚାଲିଗଲା ! ସେ ମୋ ଆଗରେ ଗଲାନି ଯେ, ବରଂ ମୋ ରାଗ ବହେ ମୁଣ୍ଡକୁ ଚଢ଼େଇ ଚାଲିଗଲା । ତା' ତାଚ୍ଛଲ୍ୟଭରା ହସ ଚାହାଣି-ମୋ ଛାତିକି ଫଟେଇଲା ପରି ଲାଗିଲା । ଆଉ କେତେ ଧର୍ଯ୍ୟଧରି ସହିଥାଆନ୍ତି ? ତେଣୁ ବିଷ ଖାଇଦେଲି । ହେଲେ, ଡାକ୍ତରଖାନାରେ ଗୁଡ଼ାଏ କଲବଲ ହୋଇ ବଞ୍ଚିଗଲି ।

ଏତେସବୁ ଘଟଣା ରାହୁଲ ସିନା ତା' ସାଙ୍ଗ ରବି ଆଗେ କହିଲାରୁ ଆମେ ଜାଣିଲୁ । ନ ହେଲେ ତ ରାହୁଳ ମରିଯାଇଥିଲେ, ଯାଇଥା'ନ୍ତା !

ଏଇ କେଇ ବରଷ ହେଲା ଆମ ଭାରତ ଭିତରକୁ ବିଦେଶୀଏ ଧସେଇ ପଶି ଅଧିକାର ଜାହିର କଲାଭଳିଆ କେତେ ନୂଆ ନୂଆ ଡେ' ସବୁ ପଶି ଆସିଛନ୍ତି । ଏସବୁ ଡେ' ପାଳନରେ କିଏ ହସେ ତ କିଏ ରୁଷେ । ପୁଣି କିଏ କାହାଠୁ ଭଲ ଶୋଷେ ତ ପୁଣି କିଏ ନିଜ ମୂଲ୍ୟବାନ୍ ଜୀବନ ନାଶେ । ହେଲେ ମୋ ଭଳି ଅଧାପାଠୁଆ ଓଡ଼ିଆ ଲୋକଙ୍କୁ ଏଇସବୁ ଡେ'ଗୁଡ଼ାକ ଖାଲି ଦେ.. ଦେ.. ବୋଲି କାନକୁ ଶୁଭେ !

ରାହୁଳଠାରୁ ସବୁ ଶୁଣି ରବି କହିଲା.. ତୁ ଯେବେ ମରିଯାଇଥାଆନ୍ତୁ, ତେବେ ତୋ ସେଇ ସୁନ୍ଦରୀ ସୋନାଲି ଦୁଃଖ ନ କରି ବରଂ ବେଶି ଖୁସି ହୋଇଥାଆନ୍ତା । କଣ୍ଟାଗଲା ଭାବି ତୋ ଶତ୍ରୁ ସତୁରା ପୁଅ ସତିଆ ସାଙ୍ଗରେ



କେତେ ରଙ୍ଗରେ ରୋମାନ୍ସ କରିବାର ମୌକା ଛାଡ଼ି ନଥାନ୍ତା । ହେଲେ ତୋତେ ଜନମ ଦେଇଥିବା ବାପା-ମା' ଏକମାତ୍ର ପୁଅକୁ ହରେଇ ଯେଉଁ କଷ୍ଟ ପାଇଥାନ୍ତେ ସେ ସବୁ ପାପ ତତେ ଲାଗିଥା'ନ୍ତା । ହଉ, ଛାଡ଼ ସେ କଥା । ଆଉ ମନବ୍ୟଥା ନ କରି ତୁ ଲାଗିଯା.. ନୂଆ ଗର୍ଲ-ଫ୍ରେଣ୍ଡ ଅର୍ଜନରେ ! ମୁଁ ତୋତେ ଶୁଭେଚ୍ଛା ଜଣେଇ ସଫଳତା କାମନା କରୁଛି । ଆହାଃ, ଏମିତିଆ ସଫଳ ଗୁରୁଖାଖିଆ ସାଙ୍ଗର ଶୁଭେଚ୍ଛା କ'ଣ ବିଫଳ ଯାଏ ? ମିଳିଲା । ସୋନାଲି ଜାଗାରେ ସବିତା । ସୋନାଲିଠାରୁ ଠୋକର ଖାଇ ଠିକିଥିବାରୁ ଆଉ କୋଉ ଡେ'ରେ ଠକି ନ ଥିଲା ସବିତାକୁ । ସବୁ ଡେ'ରେ ତାକୁ ଉପହର ଦେଉଥିଲା । ହେଲେ ରାହୁଳ ଯାହା ଚାହୁଁଥିଲା, ସାବିଠୁ ନ ମିଳିବାରୁ ଭାବୁଥିଲା.. ଏତେସବୁ ଟଙ୍କାର ଇନ୍‌ଭେଷ୍ଟମେଣ୍ଟ କ'ଣ ବୃଥାଗଲା କି ଆଉ ? ହେ ନା, ନା । ଅଫର ମିଳିଗଲା । ଦିନେ ସାବି ସୁମଧୁର ସ୍ୱରରେ ରାହୁଳକୁ କହିଲା..ଆଜି ଆମ ଘରକୁ ରାତି ଏଗାରଟା ବେଳେ ଆସିବ, ରାଣ ରହିଲା । ଯା'ହେଉ ରାହୁଳ ଭାବିଲା ତା' ସାବି ଧନ ପାଇଁ ଧନ ଉଡ଼େଇ ଲଅସ୍ ହେଇନି । ଏତେଦିନର ତୃଷାର୍ତ୍ତ ଶୁଷ୍କପ୍ରାଣର ଶୋଷ ମେଣ୍ଟିବ.. ଏଇଆ ଭାବି ତା' ବ୍ୟଗ୍ରତା ବଢ଼ିଗଲା । ସେ ଦୃଢ଼ନିଶ୍ଚିତ ଥିଲା ସାବି ଛଡ଼ା ଆଉ କେହି ତା' ଘରେ ନ ଥିବେ । ତେଣୁ ଯଥାସମୟରେ ରାତି ଅଧରେ ପହଁଞ୍ଚି ସାବିକି ଆଲିଙ୍ଗନ କରନ୍ତେ, ହଠାତ୍ ତା' ତୁଣ୍ଡରେ କରୁଣ କ୍ରନ୍ଦନ ଚିତ୍କାର ଶୁଣି ରାହୁଳର ପିଳେହି ପାଣି ! ଖୁସିର ମାହୋଲ ଏକ ବାରେ ନିହାଲ ! ଘର ଭିତରୁ ଧାଇଁଆସିଲେ ସାବି ବାପା ବୋଉ, ଭାଇ ଭାଉଜ ଓଗେର । ଶୂନ୍ୟେ ଶୂନ୍ୟେ ଟେକିନେଲେ ଗୃହ ମଧ୍ୟକୁ.. ଯେମିତି ଜ୍ୱାଇଁଙ୍କୁ ଟେକିନିଅନ୍ତି ବରବେଶ ବେଳେ ! ଅନେକ ପ୍ରକାର ଉପଚାରରେ ଏକାବେଳେ ସମସ୍ତେ ଚର୍ଚ୍ଚା କରିଚାଲିଥିଲେ । ବିଭିନ୍ନ ଭଙ୍ଗୀରେ ବସେଇ, ଶୁଆଇ, ଉଠେଇ, ଜାବୁଡିଧରି ବଳେଇ ବଳେଇ ଖୁଆଇ ଚାଲିଲେ । ଯେତେ ମନାକଲା ରାହୁଳ... ଆଉ ଖାଇବିନି ବୋଲି, ସେ କିନ୍ତୁ ମନଇଚ୍ଛା ଖୁଆଉଥିଲେ, ତାଙ୍କ ମନ ବୋଧ ହେବାଯାଏଁ । ରାହୁଳ ତା' ଜୀବନରେ ଏମିତି ଚର୍ଚ୍ଚା କେବେ ପାଇ ନ ଥିଲା । ଖାଉ ଖାଉ ତା' ଧେଡ୍ଡୁ-ଚେହେରା ପୂରା ପେଟ ପିଠି ମିଶି ଗୋଲ୍‌ଗାଲ ଦିଶିଲା । ହଠାତ୍ ଯେମିତି ବଦହଜମିଆ ପାଇଖାନା ମଡାଏ, ସେମିତି ସେଇଠୁ ଉଠି ଧାଇଁଲା । ତାକୁ ବାଟ-ଘାଟ, ଖାଲ-ଢିପ ସବୁ ସମାନ ଦିଶୁଥିଲା । ତା'ପରଠାରୁ ତା'ର ଏଇ ଡେ' ପାଳନ ତଥା ସୁନ୍ଦରୀ ତରୁଣୀଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରିବାରେ ପ୍ରବଳ ବୈରାଗ୍ୟ ଆସିଗଲା । ଖାଲି ମନମାରି ବସୁଥିଲା । କାରଣ କ'ଣ ଜାଣିବାକୁ ତା' ପିତା-ମାତା ଯେତେ ପଚାରି ପଚାରି ବିଫଳ ହେବାପରେ, ଜାତକ ନେଇ ଜ୍ୟୋତିଷ ମହାଶୟକୁ ଦେଖେଇଲାରୁ ସେ କହିଲେ.. ପୁତ୍ରର ଗ୍ରହଦୋଷରୁ ପ୍ରେମରେ ବିଫଳ.. ବାରମ୍ବାର ଧୋକ୍କା, ଅଯଥା ଅପର୍ଯ୍ୟାପ୍ତ ଧନ ବ୍ୟୟ ସହିତ ପ୍ରବଳ ଅପମାନ ପ୍ରାପ୍ତି ହିଁ ଏଇ ମନସ୍ତାପର ଅସଲ କାରଣ । ତେଣୁ ଗ୍ରହ-ଶାନ୍ତି ପୂଜା କରି କରନ୍ତୁ ଦୋଷ ନିବାରଣ । ଏକଥା ପରେ ଘର ଲୋକଙ୍କ ଶୋଧାଗାଳିରେ ରାହୁଳର ମୁଣ୍ଡ ଝାଇଁ ଝାଇଁ ହୋଇଯାଉଥିଲା । ସେପଟେ କିନ୍ତୁ ସବିତା ବନାମ ସାବି ବହୁ ପ୍ରେମିକପ୍ରବରଙ୍କ ଠାରୁ ପାଇଆସିଥିବା ଧୋକ୍କାର ପ୍ରତିଶୋଧ ପାଇଁ ରାହୁଳ ପରି ଅନ୍ୟମାନଙ୍କୁ ଫସେଇବାର ନାଟକ ଜାରି ରଖିଥିଲା.. ଶସ୍ତା ଫ୍ରେଣ୍ଡଶିପ୍ କରୁଥିବା ପ୍ରେମିକଗଣଙ୍କୁ ଉଚିତ ଶିକ୍ଷା ଦେବା ଉଦ୍ଦେଶ୍ୟରେ ।

- ମଙ୍ଗରାଜପୁର, ପୁରୀ
ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ପ୍ରେସିଡେଣ୍ଟ ଦ୍ରୌପଦୀ ମୁର୍ମୁ
**ଏ ରିଫ୍ଲେକ୍ସନ ଅଫ ଚେଞ୍ଜିଂ ଭାରତ**

**ଲେଖିକା- ଡ.ବିଜୟ ଲକ୍ଷ୍ମୀ ମହାନ୍ତି, ଜ୍ଞାନ ପବ୍ଲିଂଶିଂ ହାଉସ୍, ଅନ୍‌ସାରୀ ରୋଡ୍, ନୂଆଦିଲ୍ଲୀ-୨, ମୂଲ୍ୟ-୬୩୦ ଟଙ୍କା**


'ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏ ରିଫ୍ଲେକ୍ସନ ଅଫ ଚେଞ୍ଜିଂ ଭାରତ' ପୁସ୍ତକର ଲେଖିକା ଡ.ବିଜୟ ଲକ୍ଷ୍ମୀ ମହାନ୍ତି । ଏଥିରେ ୧୩ଟି ଅଧ୍ୟାୟ ରହିଛି । ପ୍ରଥମେ ଭାଗ୍ୟବାଦୀ ଝିଅ, ପ୍ରାଥମିକ ଶିକ୍ଷା, ବିବାହ ଓ ମାତୃତ୍ୱ, ପରିବାର, ୨୫ବର୍ଷର ରାଜନୈତିକ ଯାତ୍ରା, ଦୁଃଖ ଏବଂ ଶୋକ, ଲୋକଙ୍କ ରାଜ୍ୟପାଳ, ଶିକ୍ଷା ଆଲୋକ ବର୍ତ୍ତିକା, ରାଷ୍ଟ୍ରପତି ନିର୍ବାଚନ, ଆଧ୍ୟାତ୍ମିକ ଶିକ୍ଷା ଓ ସଂସ୍କୃତିର ପ୍ରଚାର ଓ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କ ମତାମତ ଶେଷରେ ରହିଛି । ପୁସ୍ତକଟି ଦ୍ରୌପଦୀ ମୁର୍ମୁଙ୍କ ସମ୍ପୂର୍ଣ୍ଣ ଜୀବନ ଏବଂ ଘଟଣାକୁ ନେଇ ରଚିତ ହୋଇଛି । ଏଥିରେ ସୁଦୃଶ୍ୟ ରଙ୍ଗିନ ଫଟୋ ସହିତ ମୁର୍ମୁଙ୍କ ବିଷୟରେ ଅନେକ ତଥ୍ୟ ଉପସ୍ଥାପନା କରାଯାଇଛି । ପୁସ୍ତକଟି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଏକ ପୂର୍ଣ୍ଣାଙ୍ଗ ତଥ୍ୟ ସମ୍ବଳିତ ସମ୍ପୂର୍ଣ୍ଣ ଜୀବନୀ ଯାହା ଏକ ଦସ୍ତାବିଜ୍ ଭାବେ ପାଠକୀୟତା ଲାଭ କରିବ ଏଥିରେ ସନ୍ଦେହ ନାହିଁ ।




### ସମୟର ଚୋରାବାଲିରେ

**ଲେଖିକା- ଭାନୁମତୀ ସାହୁ**
**ପ୍ରକାଶକ-ବନଫୁଲ, ଭିଏସ୍‌ଏସ୍ ନଗର ଭୁବନେଶ୍ୱର-୧୦, ମୂଲ୍ୟ-୧୬୦ଟଙ୍କା**

ସମୟର ଚୋରାବାଲିରେ ଭାନୁମତୀ ସାହୁଙ୍କ ଉପନ୍ୟାସ । ଏଥିରେ ୯ଟି ପରିଚ୍ଛେଦ ରହିଛି । ଚନ୍ଦନ ଓ ଭାବନା ଚରିତ୍ରକୁ ଲେଖିକା ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ସଂସାର ଜଞ୍ଜାଳମୟ । ବୟସର ପାହାଚରେ ଚଢୁ ଚଢୁ କେତେ ଆତ୍ମୀୟଙ୍କ ସହଯୋଗରେ ପୂର୍ଣ୍ଣ ଜୀବନଟି ସୁଖମୟ ହୁଏ ତାହାହିଁ ମଣିଷ ବୁଝେ । ମଣିଷ ପଶୁ ନୁହେଁ ଯେ, ଆତ୍ମୀୟଙ୍କ ସହଯୋଗ ବିନା ସାୟାହ୍ନର ସମୟ ଚକ୍ରକୁ ଏକା ଏକା ପାର କରିଯିବାର ସାହାସ ଯୁଟାଇ ପାରିବ । ଉପନ୍ୟାସରେ ଯେଉଁ ଚରିତ୍ରଗୁଡିକୁ ନିଆଯାଇଛି ତାହା ନିଖୁଣ ଭାବେ ଚିତ୍ରଣ କରାଯାଇଛି । ଯାହା ପାଠକଙ୍କୁ ବାନ୍ଧି ରଖିବ ଏଥିରେ ସନ୍ଦେହ ନାହିଁ ।




### ଚାଷ ଚାଷୀ ଓଡ଼ିଶା

**ଲେଖକ- ନଟବର ଖୁଣ୍ଟିଆ , ପ୍ରକାଶକ- ବିଦ୍ୟା ପବ୍ଲିଶିଂ ଇଙ୍କ୍ ଟରେଣ୍ଟୋ, କାନାଡା, ମୂଲ୍ୟ- ୪୭୫ ଟଙ୍କା**

ପୁସ୍ତକଟି ନଟବର ଖୁଣ୍ଟିଆଙ୍କ ଲିଖିତ ପ୍ରବନ୍ଧ ସଂକଳନ । ଏଥିରେ ୨୫ ଅଧ୍ୟାୟ ସ୍ଥାନିତ ହୋଇଛି । ୨୦୧୪ରୁ ୨୦୨୪ ମଧ୍ୟରେ ଓଡ଼ିଶାର ଚାଷ ଓ ଚାଷୀଙ୍କ ସମସ୍ୟା ତା'ର ସମାଧାନକୁ ନେଇ ପ୍ରବନ୍ଧଗୁଡିକ ଏଥିରେ ରହିଛି । ଏଥିରେ କୃଷି ଭିତ୍ତିକ ଅର୍ଥନୀତିରେ କୃଷକର ଭୂମିକା, କୃଷି ବିକାଶର ସମସ୍ୟା ଓ ସମାଧାନ, ଚାଷର ଉନ୍ନତି ପାଇଁ ସରକାରୀ ଯୋଜନା ଏବଂ କୃଷି ଭିତ୍ତିକ ଶିଳ୍ପନୀତି ସମ୍ପର୍କରେ ଲେଖାମାନ ପ୍ରକାଶ ପାଇଛି । ଓଡ଼ିଶା ଏକ କୃଷି ପ୍ରଧାନ ଗ୍ରାମ ବହୁଳ ରାଜ୍ୟ । ହେଲେ ଚାଷୀ ଅବହେଳିତ ଅବସ୍ଥାରେ ଅଛନ୍ତି । ଯେତେ ଚେଷ୍ଟା କଲେ ବି ସେମାନଙ୍କ ମେରୁଦଣ୍ଡ ସଳଖି ପାରୁନାହାନ୍ତି । ପୁସ୍ତକଟି ଐତିହାସିକ ଦସ୍ତାବିଜ ନୁହେଁ ବରଂ କୃଷି ସହିତ ଗ୍ରାମାଞ୍ଚଳର ସାମାଜିକ, ଅର୍ଥନୈତିକ ଓ ଭବିଷ୍ୟତର ଦିଗବାରେଣୀ ଏଥିରେ ସନ୍ଦେହ ନାହିଁ । ବହିଟି ପାଠକାଦୃତି ଲାଭ କରିବ ବୋଲି ଆଶା ।




# ସବୁଠୁ ଲମ୍ବା ଲେଗୋ ଟ୍ରେନ

ପିଲାଦିନରୁ ନ୍ୟୁଜିଲାଣ୍ଡର ଆଲେକ୍‌ଜାଣ୍ଡାର ବ୍ଲଙ୍ଗଙ୍କୁ ଲେଗୋ ସହ ଖେଳିବାକୁ ଭଲ ଲାଗୁଥିଲା । କଳ୍ପନା କରି ସେ ଲେଗୋରୁ ଅନେକ କିଛି ତିଆରି କରୁଥିଲେ । ବଡ଼ ହେବା ସହ ତାଙ୍କର ଏହି ନିଶା ବି ବଢିବାକୁ ଲାଗିଲା । ଆଉ ସେ ଏହାକୁ ନେଇ ରେକର୍ଡ କରିବାକୁ ଚାହିଁଲେ । ତେଣୁ ସେ ଲେଗୋରେ ପୃଥିବୀର ସବୁଠାରୁ ଲମ୍ବା ଟ୍ରେନ ତିଆରି କରିବାକୁ ନିଷ୍ପତ୍ତି ନେଲେ । ଶେଷରେ ସେ



୫୦ ଘଣ୍ଟାରେ ଲେଗୋରେ ୧୦୧ କ୍ୟାରେଜ୍ ଥିବା ଏକ ଲମ୍ବା ଟ୍ରେନ୍ ତିଆରି କଲେ । କେବଳ ସେତିକି ନୁହେଁ, ଟ୍ରେନ୍ ଚାଲିବା ପାଇଁ ସେତିକି ଲମ୍ବର ଲେଗୋର ଟ୍ରାକ ବି ତିଆରି କଲେ । ଟ୍ରେନ୍‌ର ସାମ୍‌ନା ଭାଗରେ ଏକ ମୋଟର ଲଗାଇଲେ, ଯାହାଦ୍ୱାରା କି ସବୁ କ୍ୟାରେଜ୍‌ଗୁଡିକୁ ଟ୍ରେନ୍‌ର ସାମ୍‌ନା ଭାଗ ଟାଣି ଟାଣି କିଛି ବାଟ ଗତି କରିପାରିବ । ଏକ ମାସ ପୂର୍ବରୁ ସେ ଏହାର ଟେଷ୍ଟିଂ ଆରମ୍ଭ କରିଥିଲେ । ଲେଗୋ ଟ୍ରେନଟି ନିଜ ବଗିଗୁଡ଼ିକୁ ଟାଣି କିଛି ବାଟ ଗତି କରିପାରୁଥିଲା । ହେଲେ ରେକର୍ଡ ପାଇଁ ପ୍ରୟାସ କରିବା ଦିନ କିନ୍ତୁ ଏହା ଗତି କରି ନ ଥିଲା । ସେ ବହୁତ ଚିନ୍ତିତ ହୋଇଯାଇଥିଲେ । ତେବେ ସେ ଜାଣିବାକୁ ପାଇଲେ ଯେ, ବ୍ଲୁଟୁଥ କନେକ୍ସନରେ ସମସ୍ୟା ପାଇଁ ଏଭଳି ହୋଇଥିଲା । ଏହି ସମସ୍ୟା ଦୂର କରିବା ପରେ ତାଙ୍କ ଲେଗୋ ଟ୍ରେନ୍‌ଟି ଗଡ଼ିଲା । ଆଉ ତାହା ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଲା ।

ବ୍ୟାକ୍ ପେଜ୍





# ଛୋଟ ହାତ, ବେଶି ଦମ୍

ଛୋଟ ହେଲେ ବି ତାଙ୍କ ହାତରେ ଅଛି ଦମ୍ । ଯେଉଁ ବୟସରେ ଖେଳଣା ଧରି ଖେଳିବା କଥା ସେ ବୟସରୁ ସେ ଡ୍ରମ ସହ ଖେଳିବା ଆରମ୍ଭ କରିଥିଲେ । ଅର୍ଥାତ୍ ମାତ୍ର ୩ ମାସର ହେବାବେଳୁ ବାପାଙ୍କ କୋଳରେ ବସି ସେ ଡ୍ରମ ସହ ଖେଳିବା ଆରମ୍ଭ କରିଥିଲେ । ଆଉ ଏଇ ଡ୍ରମ ସହ ଖେଳୁ ଖେଳୁ ସେ ଡ୍ରମ ବଜାଇବା ଆରମ୍ଭ କରିଦେଲେ । ଦୁଇ ବର୍ଷ ବୟସର ହେବା ପୂର୍ବରୁ ତାଙ୍କର ପ୍ରଥମ ଆଲବମ୍ 'ଗୋ ବେବି' ରିଲିଜ ହୋଇଥିଲା, ଯାହାକୁ ସେ ପ୍ରସିଦ୍ଧ ବାସିଷ୍ଟ(ବାସ୍ ଗିଟାର୍ ବଜାଉଥିବା) ରାଲ୍‌ଫ ଆର୍ମଷ୍ଟ୍ରଙ୍ଗଙ୍କ ସହ ମିଶି କରିଥିଲେ । ଏହି କୁନି ଡ୍ରମର ଜଣକ ହେଉଛନ୍ତି ପୃଥିବୀର ସର୍ବକନିଷ୍ଠ ଡ୍ରମର୍ ଜୁଲିଆନ ପାଭୋନ୍ । ଜୁଲିଆନଙ୍କ ଜନ୍ମ ଏକ ସଙ୍ଗୀତମୟ ପରିବାରରେ ହୋଇଛି । ବାପା ଡ୍ରମର, ଭଉଣୀ ଜଣେ ଭଲ ଗାୟିକା । ତେଣୁ ଜୁଲିଆନଙ୍କ ମନରେ ବି ସଙ୍ଗୀତ ପ୍ରତି ରୁଚି ବଢିଥିଲା । ତେବେ ସେ ଡ୍ରମ ବଜାଇବାକୁ ବେଶି ପସନ୍ଦ କଲେ । ଭାଇ ଭଉଣୀ ଦୁହେଁ ମିଶି 'ଦ ନାଇଟ୍ ଶୋ'ରେ ପରଫର୍ମ କରିଛନ୍ତି । ଦୁହେଁ 'ସିକ୍ରେଟ ଲଭ' ନାମକ ଏକ ଗୀତ ବି ତିଆରି କରିଥିଲେ । ଏଇ ଛୋଟ ବୟସରେ ଜୁଲିଆନ ଅନେକ ପପୁଲାର ଟିଭି ଶୋ'ଯେମିତି କି 'ଦ ଓପ୍ରା ୱିନଫ୍ରେ ଶୋ', 'ଗୁଡ୍ ମର୍ନିଂ ଆମେରିକା' ଆଦିରେ ଯୋଗ ଦେଇଛନ୍ତି । ଆମେରିକାର କ୍ଲିଭଲାଣ୍ଡସ୍ଥ ହାର୍ଡ ରକ୍ କାଫେରେ ସେ ଲାଇଭ୍ ପରଫର୍ମ ବି କରିଛନ୍ତି ।

# ଏତେ ବଡ଼ ସୁଟ୍ !

ସୁଟ୍ ପିନ୍ଧିବାକୁ ପ୍ରାୟ ସବୁ ପୁରୁଷଙ୍କୁ ଭଲ ଲାଗେ । ଏହା ଜେଣ୍ଟଲ ଓ ହାଣ୍ଡସମ୍ ଲୁକ ଦେଇଥାଏ । ଅଫିସ୍ ପାଇଁ ସୁଟ୍ ସବୁଠୁ ବେଷ୍ଟ ଅପ୍ସନ । ତେବେ ୨୦୧୨ ମସିହା, ଚାଇନାରେ ଏମିତି ଏକ ସୁଟ୍ ତିଆରି କରାଯାଇଥିଲା, ଯାହା ଭିତରେ ଅନେକ ଲୋକ ରହିଯିବେ । ଅର୍ଥାତ୍ ଏହାର ଆକାର ଥିଲା ଖୁବ୍ ବଡ଼ । ୬.୫ ମିଟର ଉଚ୍ଚତା ବିଶିଷ୍ଟ ଏହି ସୁଟ୍‌କୁ ତିଆରି କରିବା ପାଇଁ ୩ ମାସ ସମୟ ଲାଗିଥିଲା । ସୁଟ୍‌କୁ ଶେନୟାଙ୍ଗର ଏକ ଶପିଂ ମଲ୍‌ରେ ପ୍ରଦର୍ଶିତ କରାଯାଇଥିଲା । ଏହା ଏତେ ବଡ଼ ଥିଲା ଯେ ତା'ପାଖରେ ଠିଆ ହେଉଥିବା ଲୋକ ଖୁବ୍ ଛୋଟ ଦେଖାଯାଉଥିଲେ । ଏକ ଗାରମେଣ୍ଟ କମ୍ପାନୀ ଏହାକୁ ତିଆରି କରିଥିଲା । ଏତେ ବଡ଼ ସୁଟ୍ ଦେଖି ସମସ୍ତେ ଚକିତ ହୋଇଯାଉଥିଲେ ।

